READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ଶରଦରେ ହସେ କାଶତଣ୍ଡୀ...


ବର୍ଷ-୩ ସଂଖ୍ୟା-୩୮ ୦୭ - ୧୩ ଅକ୍ଟୋବର, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-38 07th - 13th OCTOBER, 2019 BHUBANESWAR ₹ 5/- (8 Pages)


### ଖର୍ଚ୍ଚ ହେଲାଣି ୨୩ କୋଟି



## ଏବେ ବି ନଗଡାରେ ଶିଶୁ ଭୋକିଲା

**କଟକ:** ନଗଡାକୁ ନେଇ କେତେ ଆଲୋଚନା ଓ ଚର୍ଚ୍ଚା। ଗଣମାଧ୍ୟମରେ ନଗଡାର ପୁଷ୍ଟିହୀନତା ଖବର ପାଇବାର ତିନି ବର୍ଷରୁ ଅଧିକ ହୋଇଗଲାଣି। ସରକାରୀବାବୁଙ୍କ ଘନ ଘନ ଗସ୍ତ ସହ ସେଠାରେ ଉନ୍ନତିମୂଳକ କାର୍ଯ୍ୟ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଗଲା। କିନ୍ତୁ ଭୋକର ଇଲାକାର ଚିତ୍ର ବଦଳିନି। ନଗଡା ପୂର୍ବରୁ ଯେମିତି ଥିଲା ସେମିତି ରହିଛି। ଶିଶୁମାନଙ୍କୁ ଏବେ ବି ପୁଷ୍ଟିକର ଖାଦ୍ୟ ମିଳୁନାହିଁ। ମାମଲାରେ ପୁଣି ହସ୍ତକ୍ଷେପ କରିଛନ୍ତି ଜାତୀୟ ମାନବିକ ଅଧିକାର କମିଶନ। ଏସବୁ ସତ୍ତ୍ୱେ କାହିଁକି ନଗଡାର ଦୟନୀୟ ସ୍ଥିତିରେ ପରିବର୍ତ୍ତନ ହୋଇନାହିଁ, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଠାରୁ କମିଶନ ରିପୋର୍ଟ ମାଗିଛନ୍ତି। ନଗଡାର ଏଭଳି ସ୍ଥିତି ଉପରେ ମାନବିକ ଅଧିକାର କର୍ମୀ ଶ୍ରୀ ଅଖଣ୍ଡ ଗତ ଅଗଷ୍ଟ ମାସରେ ଏକ ପିଟିସନ୍ ଦାୟର କରିଥିଲେ। ସେ ଦର୍ଶାଇଥିଲେ ୨୦୧୬ ଜୁଲାଇ ମାସରେ ଗଣମାଧ୍ୟମରେ ନଗଡାରେ ଶିଶୁମାନଙ୍କ ପୁଷ୍ଟିହୀନତାରେ ମୃତ୍ୟୁ କଥା ପଦାକୁ ଆସିଥିଲା। ଏହାପରେ ସରକାର ସଜାଗ ହୋଇଥିଲେ। ସେଠାରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ । କିନ୍ତୁ ତିନି ବର୍ଷରୁ ଅଧିକ ସମୟ ପରେ ଅବସ୍ଥାରେ ଆଖିଦୃଶିଆ ➤ ପୃ-୬



ସୃଷ୍ଟି ସ୍ଥିତି ବିନାଶାନାଂ ଶକ୍ତିଭୂତେ ସନାତନୀ
ଗୁଣାଶ୍ରୟେ ଗୁଣାତ୍ରୟେ ନାରାୟଣୀ ନମସ୍ତୁତେ






## ଜଳବାୟୁ ପରିବର୍ତ୍ତନ ସୃଷ୍ଟି କରିବ ଖାଦ୍ୟ ସଙ୍କଟ

**ଭୁବନେଶ୍ୱର:** ପୃଥିବୀରେ ତାପମାତ୍ରା ବୃଦ୍ଧି କାରଣରୁ ଏହାର ପ୍ରଭାବ ଭାରତୀୟ କୃଷି ଉପରେ ଦେଖିବାକୁ ମିଳିଛି। ଯେଉଁ ସମୟରେ ମୌସୁମୀ ଆସିବା କଥା ତାହା ଆସୁନାହିଁ। ବିଳମ୍ବିତ ମୌସୁମୀ ଯୋଗୁ କୃଷି କାର୍ଯ୍ୟ ଠିକ୍ ସମୟରେ ହୋଇପାରୁନାହିଁ। ଖରିଫ୍ ହେଉ କି ରବି ଫସଲ ସବୁଥିରେ ସ୍ୱଳ୍ପ ବୃଷ୍ଟିପାତର ପ୍ରଭାବ ଅନୁମେୟ। ଓଡ଼ିଶାରେ ସାଧାରଣତଃ ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ପ୍ରବେଶ କରିଥାଏ। ହେଲେ ଚଳିତବର୍ଷ ତିନି ସପ୍ତାହ ପରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିଥିଲା। ଯେଉଁଥିପାଇଁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହେଲା। ହେଲେ ଏହି ବିଳମ୍ବିତ ବର୍ଷା ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଲାଗି ରହିଲା। ବିଳମ୍ବ ସତ୍ତ୍ୱେ ଏ ବର୍ଷ ୧୦% ଅଧିକ ବର୍ଷା ହୋଇଥିବା ଜଣାପଡିଛି। ଏସ୍ଆରସି ସୂତ୍ରରୁ



ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟର ୩୦ଟି ଜିଲ୍ଲା ଭିତରୁ ୧୦ଟି ଜିଲ୍ଲାରେ ବଳକା, ୧୯ଟିରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛି। ତେବେ ଦେବଗଡ ଜିଲ୍ଲାରେ ୧୯ରୁ ୩୯% କମ୍ ବର୍ଷା ହୋଇଛି। ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା ହୋଇଥିଲା ବେଳେ ଗଜପତିରେ ଏହା କମ୍ ରହିଛି। ଓଡ଼ିଶାର ୩୧୪ଟି ବ୍ଲକ ଭିତରୁ ୧୦୩ଟିରେ ବଳକା, ୧୬୯ ବ୍ଲକରେ ସ୍ୱାଭାବିକ ବର୍ଷା, ୪୦ ବ୍ଲକରେ ନିଅଣ୍ଟ ବର୍ଷା ହୋଇଥିବା ଜଣାପଡିଛି। ମୌସୁମୀ ସହ ଲଘୁଚାପ ଯୋଗୁ ବର୍ଷାର ପରିମାଣ ଅଧିକ ହେତୁ କେତେକ ନଦୀରେ ବନ୍ୟା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ତେବେ ମୌସୁମୀ ବାୟୁ ବିଳମ୍ବରେ ପହଞ୍ଚିଲେ ଏହାର ପ୍ରତ୍ୟାବର୍ତ୍ତନ ମଧ୍ୟ ବିଳମ୍ବିତ ହୋଇଥାଏ। ଯେଉଁଥିପାଇଁ ଓଡ଼ିଶା ଭଳି କୃଷି ପ୍ରଧାନ ରାଜ୍ୟରେ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଚାଷୀଙ୍କୁ ହତୋତ୍ସାହିତ କରୁଛି। ଜଳବାୟୁ ପରିବର୍ତ୍ତନର ଗଭୀର ପ୍ରଭାବ କେବଳ ଓଡ଼ିଶାରେ ନୁହେଁ ସାରା ଭାରତକୁ ପ୍ରଭାବିତ କରିଛି। ନିଅଣ୍ଟିଆ ବର୍ଷା ଯୋଗୁ ଠିକ୍ ସମୟରେ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରି ନଥିବା ବେଳେ ପରବର୍ତ୍ତୀ ସମୟରେ ଅଧିକ ବର୍ଷା ଚାଷ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଗଜା ମରୁଡିର ସମ୍ମୁଖୀନ ହୋଇଥିବା ଚାଷୀମାନେ ପୁଣିଥରେ ଧାନ ରୋଇବା ପରେ ଲଗାଣ ବର୍ଷା ଯୋଗୁ ଚାଷ ନଷ୍ଟ ହୋଇଯାଉଛି। ରବି ଋତୁ ପାଖେଇ ଆସୁଥିଲା ବେଳେ ବର୍ଷାର ପରିମାଣ ନ କମିଲେ ରବି ଫସଲ ମଧ୍ୟ ପ୍ରଭାବିତ ହେବ ବୋଲି ଚାଷୀମାନେ କହୁଛନ୍ତି। ବିଶ୍ୱ ତାପାୟନକୁ ଲକ୍ଷ୍ୟ କଲେ ଜଣାପଡେ ଯେ, ବିଗତ ଦୁଇଦଶନ୍ଧି ଭିତରେ ତାପମାତ୍ରା ୧.୧ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ➤ ପୃ-୬




## କେମିତି କଟିବ ଏ ସପ୍ତାହ

**ମେଷ** – ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**ବୃଷ** – ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**ମିଥୁନ** – ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କର୍କଟ** – ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ସିଂହ** – ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**କନ୍ୟା** – ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ତୁଳା** – ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ବିଛା** – ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ଧନୁ** – ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**ମକର** – ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**କୁମ୍ଭ** – ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସବୁିଧା ଲାଗି ରହିବ। ଯାନବାହନ ପ୍ରତି ସତର୍କତା ଅବଲମ୍ବନ କରିବେ।

**ମୀନ** – ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଆୟୁଷ୍ମାନ ଭାରତ ସବୁଠୁ ବଡ ସ୍ୱାସ୍ଥ୍ୟ ଯୋଜନା: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୧୦.୭୦ କୋଟି ଗରିବ ପରିବାରଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରୁଥିବା ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ବୀମା ଯୋଜନା ଆୟୁଷ୍ମାନ ଭାରତ ପାଇଁ ଏକ ନୂଆ ମୋବାଇଲ ଆପର ଶୁଭାରମ୍ଭ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଆରୋଗ୍ୟ ମନ୍ଥନର ଉଦ୍‌ଯାପନୀ ସମାରୋହରେ ପ୍ରଧାନମନ୍ତ୍ରୀ ସଭାପତିତ୍ୱ କରିଥିଲେ। ସେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ-ଜନ ଆରୋଗ୍ୟ ଯୋଜନା (ପିଏମ-ଜେଏୱାଇ)ର ବଛା ବଛା ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ପିଏମ-ଜେଏୱାଇ ଯୋଜନାର ଏକ ବର୍ଷର ଯାତ୍ରାକୁ ପ୍ରଦର୍ଶୀତ କରୁଥିବା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ସେ 'ଆୟୁଷ୍ମାନ ଭାରତ ଷ୍ଟାର୍ଟ ଅପ ଗ୍ରାଣ୍ଡ ଚ୍ୟାଲେଞ୍ଜ'ର ମଧ୍ୟ ଶୁଭାରମ୍ଭ କରିଥିଲେ ଏବଂ ଏହି ଅବସରରେ ଏକ ସ୍ମାରକୀ ଡାକ ଟିକଟ ଉନ୍ମୋଚନ କରିଥିଲେ। ଏହି



ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଆୟୁଷ୍ମାନ ଭାରତର ପ୍ରଥମ ବର୍ଷ ସମାଧାନ, ସମର୍ପଣ ଏବଂ ଆପୋସ ଶିକ୍ଷା ଗ୍ରହଣ ପାଇଁ ଉଦ୍ଦିଷ୍ଟ ଥିଲା। ଆମେ ସଫଳତା ପୂର୍ବକ ଭାରତରେ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ସେବା ଯୋଜନା କାର୍ଯ୍ୟକାରୀ କରିଛୁ। ଦେଶର ପ୍ରତ୍ୟେକ ଗରିବ ନାଗରିକଙ୍କ ନିକଟରେ ସହଜରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ସଫଳତା ପଛରେ ଏକ ସମର୍ପଣ ଭାବନା ରହିଛି ଏବଂ ଏହି ସମର୍ପଣର ଶ୍ରେୟ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ରୋଗରୁ ମୁକ୍ତ ହେବା ଲାଗି ଦେଶର ଲକ୍ଷ ଲକ୍ଷ ଗରିବ ଲୋକଙ୍କ ମନରେ ଆଶା ଜଗାଇବା ଲାଗି ଏହା ଏକ ମହାନ ଉପଲବ୍ଧି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଏକ ବର୍ଷ ମଧ୍ୟରେ ଯଦି ଜଣେ ହେଲେ ବ୍ୟକ୍ତିଙ୍କ ଜମି, ଘର, ଅଳଙ୍କାର କିମ୍ବା ଅନ୍ୟ କୌଣସି ସାମଗ୍ରୀ ଚିକିତ୍ସା ଖର୍ଚ୍ଚ ଉଠାଇବା ଲାଗି ବନ୍ଧା ପଡ଼ିବାରୁ ରକ୍ଷା ପାଇଯାଇଛି, ତାହା ହେଉଛି ଆୟୁଷ୍ମାନ ଭାରତ ପାଇଁ ସବୁଠୁ ବଡ଼ ସଫଳତା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ୧ ବର୍ଷ ମଧ୍ୟରେ ପାଖାପାଖି ୫୦ ହଜାର ଲୋକ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଦ୍ୱାରା ସେମାନଙ୍କ ଜିଲ୍ଲା କିମ୍ବା ରାଜ୍ୟ ବାହାରେ ଅଧିକ ଚିକିତ୍ସା ସୁବିଧା ପାଇପାରିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆୟୁଷ୍ମାନ ଭାରତ ହେଉଛି ନ୍ୟୁ ଇଣ୍ଡିଆର ଏକ ବୈପ୍ଲବିକ ପଦକ୍ଷେପ। ଏହା ଜଣେ ସାଧାରଣ ମଣିଷର ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ନାହିଁ, ବରଂ ୧୩୦ କୋଟି ଲୋକଙ୍କ ସମର୍ପଣ ଓ ସାମର୍ଥ୍ୟର ପ୍ରତୀକ ସାଜିଛି। ସେ ଉଲ୍ଲେଖ କରିଥିଲେ ଯେ ଆୟୁଷ୍ମାନ ଭାରତ ସୁସ୍ଥ ଭାରତ ପାଇଁ ସାମୂହିକ ସମାଧାନ। ଭାରତର ସମସ୍ୟା ଓ ଆହ୍ୱାନର ମୁକାବିଲା କରିବା ଲାଗି ସାମଗ୍ରୀକ ଭାବେ ଚିନ୍ତା କରିବା ଲାଗି ସରକାରଙ୍କ ଦୃଷ୍ଟିକୋଣର ଏହା ଏକ ପ୍ରତୀକ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଥିଲେ। ଆୟୁଷ୍ମାନ ଭାରତ ରୋଗୀଙ୍କ ପାଇଁ ଦେଶର ଯେକୌଣସି ଉନ୍ନତ ଚିକିତ୍ସା ସୁନିଶ୍ଚିତ କରିପାରିଛି। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଦ୍ୱାରା ଦୁଇ ଦିନିଆ ଆରୋଗ୍ୟ ମନ୍ଥନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରଙ୍କୁ ଏକତ୍ର କରିବା ଲାଗି ମଂଚ ଯୋଗାଇଦେବା ସହିତ ଗତ ଏକ ବର୍ଷ ମଧ୍ୟରେ ଏହି ଯୋଜନାର କାର୍ଯ୍ୟାନ୍ୱୟନରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରି ଯୋଜନାର ଉନ୍ନତିକରଣ ପାଇଁ ମାର୍ଗ ବାହାର କରିବା ଏହାର ଉଦ୍ଦେଶ୍ୟ।

# ଜିହାଦ ପାଇଁ ଇମ୍ରାନଙ୍କ ଆହ୍ୱାନ, ଭାରତର ଦୃଢ଼ ବିରୋଧ

**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଓ ରାଜ୍ୟ ପୁନର୍ଗଠନରେ କ୍ଷୁବ୍ଧ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପାକ ଅଧିକୃତ କଶ୍ମୀର (ପିଓକେ)ର ଜନସାଧାରଣଙ୍କୁ ଜିହାଦ ପାଇଁ ଆହ୍ୱାନ ଦେଇଥିବାରୁ ଏହାକୁ ଭାରତ ଦୃଢ଼ ବିରୋଧ କରିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି, ଇମ୍ରାନ ଖାନ୍ ଯେଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ତାହା ତାଙ୍କ ପଦବୀ ପାଇଁ ଶୋଭାନୀୟ ନୁହେଁ। ଉଲ୍ଲେଖଯୋଗ୍ୟ, ପିଓକେର କିଛି ନିରୀହ ଲୋକଙ୍କୁ ଏଲ୍‌ଓସିରେ ପ୍ରବେଶ କରାଇ ସେମାନଙ୍କ ଦ୍ୱାରା କଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବାକୁ ଅଣ୍ଟା ଭିଡ଼ିଛି ପାକ୍ ସେନା। ରବୀଶ କୁମାର ଆହୁରି କହିଛନ୍ତି, ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଅନ୍ତର୍ଜାତୀୟ ସ୍ତରରେ ସମ୍ପର୍କ କିଭଳି ବଜାୟ ରଖାଯାଏ, ତାହା ଜାଣନ୍ତି ନାହିଁ। ସେଥିପାଇଁ ପାକ୍ ଅଧିକୃତ କଶ୍ମୀରର ଜନସାଧାରଣଙ୍କୁ ଏଲଓସି ଭିତରେ ଧସେଇ ପଶିବାକୁ ସେ ଆହ୍ୱାନ ଦେଇଛନ୍ତି। ଭାରତ ବିରୋଧରେ ପାକ୍ ପ୍ରଧାନମନ୍ତ୍ରୀଙ୍କ ଜିହାଦ୍ ପାଇଁ ଖୋଲା ଆହ୍ୱାନ ଅତି ଗୁରୁତର ବିଷୟ। କଶ୍ମୀର ପ୍ରସଙ୍ଗରେ ଅନ୍ତର୍ଜାତୀୟ ସମୁଦାୟର ସାହାଯ୍ୟ ସହଯୋଗ ପାଇବାକୁ ପାକିସ୍ତାନ ବିଫଳ ହେବା ପରେ ଏବେ ଏହି ଉପତ୍ୟକାରେ ଅସ୍ଥିରତା ସୃଷ୍ଟି କରିବା ଲାଗି ପାକିସ୍ତାନ ଏଭଳି ନୂଆ ଯୋଜନା କରିଛି। ତେବେ ପାକ୍ ସେନା ପ୍ରାୟୋଜିତ ଏଭଳି ଅନୁପ୍ରବେଶ ଉଦ୍ୟମକୁ ପ୍ରତିହତ କରିବା ଲାଗି ଭାରତୀୟ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଇତିମଧ୍ୟରେ ପାକିସ୍ତାନୀ ସେନା ଶୁକ୍ରବାର ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖି ଜମ୍ମୁ-କଶ୍ମୀରର ପୁଞ୍ଛ, ରାଜୌରି ଓ କଠୁଆ ଜିଲ୍ଲାରେ ଜନବସତି ଅଞ୍ଚଳକୁ ଟାର୍ଗେଟ୍ କରି ପ୍ରବଳ ଗୁଳିଗୋଳା ମାଡ଼ କରିଥିଲା।

## କୌଣସି ସମବାୟ ବ୍ୟାଙ୍କକୁ ପତନ ହେବାକୁ ଦିଆଯିବ ନାହିଁ: ଶକ୍ତିକାନ୍ତ

**ମୁମ୍ବାଇ:** ଦେଶର କୌଣସି ସମବାୟ ବ୍ୟାଙ୍କର ପତନ ହେବାକୁ ଦିଆଯିବ ନାହିଁ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଦୃଢୋକ୍ତି କରିଛନ୍ତି। ବର୍ତ୍ତମାନ ପଞ୍ଜାବ ଆଣ୍ଡ୍ ମହାରାଷ୍ଟ୍ର କୋ-ଅପରେଟିଭ୍ ବ୍ୟାଙ୍କ(ପିଏମ୍‌ସି)ର ଅନିୟମିତତାକୁ ନେଇ ରିଜର୍ଭ ବ୍ୟାଙ୍କ ନେଇଥିବା ପଦକ୍ଷେପ ପରିପ୍ରେକ୍ଷୀରେ ବିଭିନ୍ନ ଗୁଜବ ପ୍ରସାରିତ ହେଉଛି। ଏହି ବ୍ୟାଙ୍କର ପ୍ରତ୍ୟେକ ଦିଗକୁ ନେଇ ତର୍ଜମା କରାଯାଉଥିଲେ ହେଁ ସମବାୟଭିତ୍ତିକ କୌଣସି ବ୍ୟାଙ୍କକୁ ବନ୍ଦ କରାଯିବ ନାହିଁ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି ସମୀକ୍ଷା ବୈଠକର ଫଳାଫଳ ଘୋଷଣା କରିବା ପରେ ଗଭର୍ଣ୍ଣର ଶ୍ରୀ ଦାସ କହିଥିଲେ ଯେ, ପିଏମ୍‌ସି ବ୍ୟାଙ୍କର ସମସ୍ୟାକୁ ନେଇ ଗ୍ରାହକ ମାହୋଲରେ ବିଭିନ୍ନ ପ୍ରଶ୍ନ ଉଠିଛି। କିନ୍ତୁ ଦେଶର ସମସ୍ତ ବ୍ୟବସାୟିକ ବ୍ୟାଙ୍କ ସମେତ ସମବାୟ ବ୍ୟାଙ୍କମାନଙ୍କ ସ୍ଥିତି ଠିକ୍ ରହିଛି ଏବଂ କେହି ଏଥିପ୍ରତି ବିଭ୍ରାନ୍ତ ହେବା ଅନାବଶ୍ୟକ। ପିଏମ୍‌ସି ବ୍ୟାଙ୍କର ସମସ୍ୟାକୁ ନେଇ ଅନ୍ୟାନ୍ୟ ବ୍ୟାଙ୍କ ସ୍ଥିତି ସମ୍ପର୍କରେ ଆକଳନ କରିବା ମଧ୍ୟ ଅନୁଚିତ ବୋଲି ସେ କହିଛନ୍ତି। ପୂର୍ବରୁ ପିଏମ୍‌ସି ବ୍ୟାଙ୍କର ସର୍ବାଧିକ ଟଙ୍କା ଉଠାଣ ସୀମା ୧୦,୦୦୦ ରହିଥିଲା ବେଳେ ଏବେ ଏହାକୁ ୨୫,୦୦୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଶ୍ରୀ ଦାସ କହିଛନ୍ତି।

# ଏଣିକି ୨୪ ଘଣ୍ଟିଆ ଏନ୍‌ଇଏଫ୍‌ଟି ନେଣଦେଣ

**ନୂଆଦିଲ୍ଲୀ:** ଡିଜିଟାଲ୍ ନେଣଦେଣକୁ ପ୍ରୋତ୍ସାହିତ କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ବୃହତ୍ ପଦକ୍ଷେପ ନେଇଛି। ଆର୍‌ବିଆଇ ଏହାର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ କ୍ରମାଗତ ପଞ୍ଚମଥର ପାଇଁ ଏହାର ନୀତିଗତ ଦର ରେପୋହାରରେ ହ୍ରାସ କରିଛି। ଏଥିସହିତ ନ୍ୟାସ୍‌ନାଲ୍ ଇଲେକ୍ଟ୍ରିକ୍ ଫଣ୍ଡ୍ ଟ୍ରାନ୍ସଫର୍ (ଏନ୍‌ଇଏଫ୍‌ଟି) ସହ ଜଡ଼ିତ ଏକ ବଡ଼ଧରଣର ଘୋଷଣା କରିଛି। ଏହା ଅନ୍ତର୍ଗତ ଗ୍ରାହକମାନଙ୍କୁ ଡିସେମ୍ବର ମାସରୁ ୨୪ ଘଣ୍ଟିଆ ଏନ୍‌ଇଏଫ୍‌ଟି ଜରିଆରେ ନେଣଦେଣର ସୁବିଧା ମିଳିବ। ବର୍ତ୍ତମାନ ସମୟରେ ଗ୍ରାହକମାନେ କେବଳ ବ୍ୟାଙ୍କର କାର୍ଯ୍ୟ ଦିବସରେ ହିଁ ଏହି ସୁବିଧାର ଫାଇଦା ଉଠାଉଛନ୍ତି। ଏଥିସହିତ ସକାଳ ୮ଟା ରୁ ସନ୍ଧ୍ୟା ୭.୪୫ ପର୍ଯ୍ୟନ୍ତ ହିଁ ଏହି ସୁବିଧା ଉପଲବ୍ଧ ହେଉଛି। ମାତ୍ର ଡିସେମ୍ବର ପରଠାରୁ ଏହି ସୁବିଧା ୨୪ ଘଣ୍ଟା ଉପଲବ୍ଧ ହେବ। ଏନ୍‌ଇଏଫ୍‌ଟି ଜରିଆରେ ଥରକେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ନେଣଦେଣ କରିହେବ। ତେବେ କେତେକ ସ୍ୱତନ୍ତ୍ର ପ୍ରସଙ୍ଗରେ ହିଁ ଏହି ସୀମା ବୃଦ୍ଧି କରାଯାଉଛି। ଜୁନ୍ ୬ରେ ଆର୍‌ବିଆଇ ଏହାର ମୁଦ୍ରାନୀତି ବୈଠକରେ ଆର୍‌ଟିଜିଏସ୍ ଏବଂ ଏନ୍‌ଇଏଫ୍‌ଟି ଜରିଆରେ ହେଉଥିବା ନେଣଦେଣକୁ ନିଃଶୁଳ୍କ ଘୋଷଣା କରିଥିଲେ। ଏହି ନୂତନ ନିୟମ ଜୁଲାଇ ୧ରୁ ଲାଗୁ ହୋଇସାରିଛି। ଆର୍‌ବିଆଇ ରିପୋର୍ଟ ମୁତାବକ, ଚଳିତବର୍ଷ ଏପ୍ରିଲ୍‌ରେ ଏନ୍‌ଇଏଫ୍‌ଟି ଜରିଆରେ ୨୦.୩୪ କୋଟି ଏବଂ ଆର୍‌ଟିଜିଏସ୍ ଜରିଆରେ ୧.୧୪ କୋଟି ଟଙ୍କାର ନେଣଦେଣ ହୋଇଛି।

# ରେପୋ ରେଟ୍ ହ୍ରାସ

**ମୁମ୍ବାଇ:** ଅର୍ଥ ବ୍ୟବସ୍ଥାକୁ ନୂଆ ଗତି ଦେବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କ୍ରମାଗତ ୫ମ ଥର ଲାଗି ରେପୋ ରେଟ୍ ହ୍ରାସ କରିଛି। ଆରବିଆଇ ମୁଦ୍ରା ନୀତି ସମିତି (ଏମପିସି)ର ସମୀକ୍ଷା ବୈଠକରେ ରେପୋ ରେଟ୍ ୨୫ ବେସିସ ପଏଣ୍ଟ ହ୍ରାସ କରିବା ନେଇ ଘୋଷଣା କରିଛି। ଫଳରେ ଚଳିତବର୍ଷ ରେପୋ ରେଟ୍ ମୋଟ ୧୩୫ ବେସିସ୍ ପଏଣ୍ଟ କମିଛି। ବର୍ତ୍ତମାନ ରେପୋ ରେଟ୍ ୫.୧୫ ପ୍ରତିଶତରେ ପହଞ୍ଚିଛି। ବିଗତ ୯ ବର୍ଷ ମଧ୍ୟରେ ପ୍ରଥମଥର ଲାଗି ରେପୋ ରେଟ୍ ଏତେ ପରିମାଣରେ ହ୍ରାସ ପାଇଛି। ଅନ୍ୟପଟେ ରିଭର୍ସ ରେପୋ ରେଟ୍ ୪.୯ ପ୍ରତିଶତ ଏବଂ ବ୍ୟାଙ୍କ ରେଟ୍ ୫.୪୦ପ୍ରତିଶତ କରାଯାଇଛି। ସେହିପରି ଆରବିଆଇ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଜିଡିପି ଆକଳନ ୬.୯ରୁ ହ୍ରାସ କରି ୬.୧ ପ୍ରତିଶତ କରାଯାଇଛି। ଏହାବ୍ୟତୀତ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଜିଡିପି ଆକଳନ ୭.୧ ପ୍ରତିଶତ ରହିଛି। ସାଧାରଣତଃ କେନ୍ଦ୍ରୀୟ ବ୍ୟାଙ୍କ ଭାବେ ରିଜର୍ଭ ବ୍ୟାଙ୍କ ଯେଉଁ ସୁଧ ହାରରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକୁ ଋଣ ଦେଇଥାଏ ତାହାହିଁ ରେପୋ ରେଟ୍‌କୁ ସୂଚିତ କରୁଥିବା ବେଳେ ବର୍ତ୍ତମାନ ଏଥିରେ ହ୍ରାସ ଯୋଗୁଁ ସାଧାରଣ ଗ୍ରାହକଙ୍କ ପାଇଁ ଏହା ଅନୁକୂଳ ହେବ। ଅନ୍ୟପକ୍ଷରେ ରେପୋ ରେଟ୍‌ରେ ହ୍ରାସ ଯୋଗୁଁ ରିଭର୍ସ ରେପୋ ହାରରେ ମଧ୍ୟ ହ୍ରାସ ଘଟି ଏହା ୪.୯ ପ୍ରତିଶତ ରହିଥିବା କୁହାଯାଇଛି। ରିଜର୍ଭ ବ୍ୟାଙ୍କର 'ଆକୋମଡେଟିଭ୍ ପଲିସି ଷ୍ଟାନ୍ସ' ଆଧାରରେ ରେପୋ ହାରରେ ହ୍ରାସ କରାଯାଇଥିବା ଏମ୍‌ପିସି କମିଟି ପକ୍ଷରୁ କୁହାଯାଇଛି। ଏହି ୬ଜଣିଆ କମିଟିରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ସମେତ ଡ. ଚେତନ୍ ଘାଟେ, ଡ. ପମି ଦୁଆ, ଡ. ମାଇକଲେ ଦେବବ୍ରତ ପାତ୍ର, ବିଭୁପ୍ରସାଦ କାନୁନ୍‌ଗୋ ରେପୋ ହାରରେ ହ୍ରାସ ସପକ୍ଷରେ ଭୋଟ ଦେଇଥିଲେ। ଅନ୍ୟ ଜଣେ ସଦସ୍ୟ ଡ. ରବୀନ୍ଦ୍ର ଢୋଲାକିଆ ରେପୋ ହାରରେ ୪୦ ବେସିସ୍ ପଏଣ୍ଟ ହ୍ରାସ କରିବାକୁ ମତ ଦେଇଥିଲେ। ତେବେ ଏହି ହ୍ରାସକୁ ମିଶାଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚଳିତ ବର୍ଷ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି।

## ବ୍ରିଟେନ କୋର୍ଟରେ ପାକିସ୍ତାନର ପରାଜୟ

# ହାଇଦ୍ରାବାଦ ନିଜାମଙ୍କ ପାଣ୍ଠି ଭାରତର

**ନୂଆଦିଲ୍ଲୀ:** ବ୍ରିଟେନ ହାଇକୋର୍ଟରେ ଗତ ୭ ଦଶନ୍ଧି ଧରି ଚାଲିଥିବା ଏକ ମାମଲାରେ ଭାରତର ବିଜୟ ହୋଇଛି। କୋର୍ଟ ପାକିସ୍ତାନର ଦାବିକୁ ଖାରଜ କରି ଭାରତ ସପକ୍ଷରେ ରାୟ ଦେଇଛନ୍ତି। ଫଳରେ ଲଣ୍ଡନର ଏକ ବ୍ୟାଙ୍କରେ ଗଚ୍ଛିତ ଥିବା ହାଇଦ୍ରାବାଦ ନିଜାମଙ୍କ ୩୫ ନିୟୁତ ପାଉଣ୍ଡ ଏବେ ଭାରତ ଫେରିବ ବୋଲି ଜଣାପଡ଼ିଛି। ୧୯୪୭ରେ ବ୍ରିଟିଶ ଶାସନାଧୀନ ଭାରତ ସ୍ୱାଧୀନତା ପାଇ ଭାରତ ଓ ପାକିସ୍ତାନ ଦୁଇଟି ରାଷ୍ଟ୍ରରେ ପରିଣତ ହେବାବେଳେ ହାଇଦ୍ରାବାଦର ତତ୍କାଳୀନ ଶାସକ ସପ୍ତମ ନିଜାମ ମୀର ଓସମାନ ଅଲ୍ଲୀ ଖାନ୍ ଭାରତ ବା ପାକିସ୍ତାନରେ ମିଶିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ତେବେ ହାଇଦ୍ରାବାଦକୁ ଭାରତ ଦଖଲ କରିବା ଆଶଙ୍କା କରି ସେ ବ୍ରିଟେନସ୍ଥିତ ପାକିସ୍ତାନ ହାଇକମିଶନର ହବିବ ଇବ୍ରାହିମ ରହିମତୁଲ୍ଲାଙ୍କ ଆକାଉଣ୍ଟକୁ ୧୦୦୭୯୪୦ ପାଉଣ୍ଡ ଓ ୯ ସିଲିଂ ଅର୍ଥ ସୁରକ୍ଷିତ ଭାବେ ରଖିବା ପାଇଁ ପଠାଇଥିଲେ। ଏହି ପାଣ୍ଠି ବ୍ରିଟେନର ନ୍ୟାସନାଲ ୱେଷ୍ଟମିନିଷ୍ଟର ବ୍ୟାଙ୍କରେ ଗଚ୍ଛିତ ରହିଥିଲା। ଏହା ତାଙ୍କ ପରିବାରର ସମ୍ପତ୍ତି ବୋଲି ଦାବିକରି ଏହି ଅର୍ଥକୁ ଫେରିପାଇବା ପାଇଁ ନିଜାମଙ୍କ ଅଣନାତି ମୁକ୍କାରାମ ଜା ଓ ମୁଫକାମ ଜା ଭାରତ ସରକାରଙ୍କ ସହଯୋଗରେ ବ୍ରିଟେନ କୋର୍ଟରେ ମାମଲା ରୁଜୁ କରିଥିଲେ। ୨୦୧୩ରେ ପାକିସ୍ତାନ ଏହି ମାମଲାରେ ମୁଣ୍ଡ ପୂରାଇ ଏହି ପାଣ୍ଠିକୁ ନିଜାମ ପାକିସ୍ତାନକୁ ଦେଇଥିବା ଦାବି କରିଥିଲା। ଭାରତ ଦ୍ୱାରା ବେଆଇନ ଭାବେ ହାଇଦ୍ରାବାଦ ଦଖଲ ସମୟରେ ଭାରତୀୟ ସେନା ବିରୋଧରେ ଲଢ଼ିବାକୁ ପାକିସ୍ତାନ ବିପୁଳ ଅସ୍ତ୍ର ପଠାଇଥିଲା ଓ ଏହି ଅସ୍ତ୍ରର ମୂଲ୍ୟ ସ୍ୱରୂପ ନିଜାମ ପାକିସ୍ତାନ ହାଇକମିଶନରଙ୍କ ପାଖକୁ ସଂପୃକ୍ତ ଅର୍ଥ ପଠାଇଥଲେ ବୋଲି ପାକିସ୍ତାନ ଯୁକ୍ତି ବାଢ଼ିଥିଲା। ଏହି ଅର୍ଥର ପରିମାଣ ଏବେ ୩୫ ନିୟୁତ ପାଉଣ୍ଡରେ ପହଞ୍ଚିଥିବାବେଳେ ଆଜି ବ୍ରିଟେନ ହାଇକୋର୍ଟ ଭାରତ ଓ ନିଜାମଙ୍କ ସପକ୍ଷରେ ରାୟ ପ୍ରକାଶ କରିଛି। ଭାରତ ବେଆଇନ ଭାବେ ହାଇଦ୍ରାବାଦ ଦଖଲ କରିଥିଲା ବୋଲି ଏହି ମାମଲାରେ ପାକିସ୍ତାନ କରିଥିବା ଦାବିର ପ୍ରାସଙ୍ଗିକତା ନାହିଁ ଓ ଅସ୍ତ୍ର ପରିବର୍ତ୍ତେ ନିଜାମ ଏହି ବିପୁଳ ପାଣ୍ଠି ପଠାଇଥିଲେ ବୋଲି ପାକିସ୍ତାନ ଯୁକ୍ତିର କୌଣସି ପ୍ରାମାଣିକ ତଥ୍ୟ ନାହିଁ ବୋଲି କୋର୍ଟ କହିଛନ୍ତି। ବ୍ରିଟେନ କୋର୍ଟରେ ଏହି ମାମଲା ଆରମ୍ଭ ସମୟରେ ମୁକରାମ ଜା ମାତ୍ର ୧୦ ବର୍ଷ ବୟସର ହୋଇଥିଲେ। ଏବେ ସେ ୮୦ ବର୍ଷରେ ପହଞ୍ଚିଥିବାବେଳେ ତାଙ୍କ ଜୀବଦ୍ଦଶାରେ ନ୍ୟାୟ ପାଇଛନ୍ତି ବୋଲି ଏହି ମାମଲା ଲଢୁଥିବା ଭାରତ ସରକାରଙ୍କ ଓକିଲ ପଲ୍ ହେୱିଟ୍ଟ ମତବ୍ୟକ୍ତ କରିଛନ୍ତି।

# ଜାମ୍ମୁ-କାଶ୍ମୀରର ବିକାଶ ପାଇଁ ଧାର୍ମିକ ପର୍ଯ୍ୟଟନର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଶାହ

**ନୂଆଦିଲ୍ଲୀ:** ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀ-କାଟ୍ରା 'ବନ୍ଦେ ଭାରତ' ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି। ସେ କହିଲେ ଯେ ଜାମ୍ମୁ-କାଶ୍ମୀରର ବିକାଶ ପାଇଁ ଧାର୍ମିକ ପର୍ଯ୍ୟଟନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜୀବନକାଳ ମଧ୍ୟରେ ଅତିକମରେ ଥରେ ବୈଷ୍ଣୋଦେବୀ ମନ୍ଦିର ଯାତ୍ରା କରିବା ପାଇଁ ଭାରତର ପ୍ରତ୍ୟେକ ନାଗରିକଙ୍କର ଅଭିଳାଷା ରହିଛି। ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଦେଶର ଧାର୍ମିକ ସ୍ଥଳଗୁଡ଼ିକୁ ନିରାପଦ, ସ୍ୱଚ୍ଛନ୍ଦପୂର୍ଣ୍ଣ ଓ ଉଚ୍ଚ ଗତି ସମ୍ପନ୍ନ ରେଳ ନେଟୱର୍କ ସହିତ ଯୋଡିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପରିକଳ୍ପନା ରହିଛି। ଏହି ଧାର୍ମିକ ସ୍ଥଳଗୁଡ଼ିକୁ ଯାତ୍ରା କରିବା ତଥା ତୀର୍ଥଯାତ୍ରାକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। 'ବନ୍ଦେ ଭାରତ'ଏକ୍ସପ୍ରେସ ଏ ଦିଗରେ ଏକ ବଡ ପଦକ୍ଷେପ। ନୂଆଦିଲ୍ଲୀ-ବାରାଣସୀ ସେମି-ହାଇସ୍ପିଡ ଟ୍ରେନ ପରେ ଏହା ହେଉଛି ଦ୍ୱିତୀୟ 'ବନ୍ଦେ ଭାରତ ଏକ୍ସପ୍ରେସ। ପ୍ରଥମ 'ବନ୍ଦେ ଭାରତ ଏକ୍ସପ୍ରେସ'କୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ଫେବୃଆରୀ ମାସରେ ଶୁଭାରମ୍ଭ କରିଥିଲେ। ଏହି ଟ୍ରେନର କୋଚ ଗୁଡ଼ିକୁ ଚେନ୍ନାଇ ରେଳ କୋଚ ଫ୍ୟାକ୍ଟ୍ରିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି। ୫ ଟ୍ରିଲିଅନ ଡଲାର ଅର୍ଥନୀତି ଲକ୍ଷ୍ୟକୁ ହାସଲ କରିବା ଦିଗରେ ରେଳବାଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ମନେକରୁଥିବାର ଶ୍ରୀ ଶାହ



କହିଥିଲେ। 'ବନ୍ଦେ ଭାରତ' ହେଉଛି ମେକ ଇନ ଇଣ୍ଡିଆର ଏକ ବଡ ସଫଳତା ଏବଂ ଅର୍ଥନୀତିକୁ ବଳ ଦେବା ଦିଗରେ ଏହାର ଏକ ବଡ ଭୂମିକା ରହିଛି। ଶ୍ରୀ ମୋଦୀଙ୍କ ନେତୃତ୍ୱରେ ରେଳବାଇ କ୍ଷେତ୍ରର ଆଧୁନିକୀକରଣ ଯେପରି ଭାବେ ଦ୍ରୂତଗତିରେ ହେଉଛି ଏଥିରୁ ତାହା ସ୍ପଷ୍ଟ। "ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ରେଳବାଇ ଯେପରି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ୫ ଟ୍ରିଲିଅନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ନେଇ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ସାକାର କରିବାକୁ ମଧ୍ୟ ରେଳବାଇ ଏହାର ଦ୍ରୂତ ବିକାଶକୁ ବଳବତର ରଖିବାକୁ ପଡିବ। ଧାରା ୩୭୦ର ଉଚ୍ଛେଦ ସମ୍ପର୍କରେ ମତପ୍ରକାଶ କରି ଶ୍ରୀ ଶାହ କହିଲେ ଯେ ଏହା ଜାମ୍ମୁ-କାଶ୍ମୀରର ବିକାଶ ଓ ଭାରତ ସହିତ ଏହାର ସଂହତିରେ ଏକ ବାଧକ ଥିଲା। ଏହି ଧାରାର ଉଚ୍ଛେଦ ପରେ ଭାରତରୁ ସନ୍ତ୍ରାସବାଦକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇ ପାରିବ ବୋଲି ସେ ଆତ୍ମବିଶ୍ୱାସ ପ୍ରକଟ କରିଥିଲେ। "ମୁଁ ବିଶ୍ୱାସ କରୁଛି ଯେ ଆଗାମୀ ୧୦ ବର୍ଷ ମଧ୍ୟରେ ବିକାଶ କ୍ଷେତ୍ରରେ କାଶ୍ମୀର ଏକ ପ୍ରମୁଖ ସ୍ଥାନରେ ପହଂଚିବ। ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ ପରେ ଏହି ଧାରା ଆରମ୍ଭ ହୋଇଛି। ରାଜ୍ୟର ବିକାଶ ପାଇଁ ଓ ଏଠାରେ ଧାର୍ମିକ ପର୍ଯ୍ୟଟନର ବିକାଶ ପାଇଁ ଏହା ହେଉଛି ଜାମ୍ମୁ କାଶ୍ମୀରର ଜନସାଧାରଣଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏକ ଉପହାର," ବୋଲି ଶ୍ରୀ ଶାହ କହିଛନ୍ତି। ମେକ ଇନ ଇଣ୍ଡିଆ ମାଧ୍ୟମରେ ରେଳବାଇ ଯେପରି ଭାବେ ରୂପାନ୍ତରିତ ହେଉଛି ଏବଂ ଅର୍ଥନୀତିର ବିକାଶରେ ଯେଉଁଭଳି ଯୋଗଦାନ କରୁଛି ତାହାକୁ ନେଇ ଶ୍ରୀ ଶାହ ସନ୍ତୋଷ ପ୍ରକାଶ କରିଥିଲେ।

'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ

# ଲୋକଙ୍କ ସହ ଫୋନ୍ ଯୋଗେ କଥା ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ପ୍ରଶାସନିକ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ବ୍ୟାପକ ପରିବର୍ତ୍ତନର ବାର୍ତ୍ତାବହ ହୋଇଥିବା ବହୁ ପ୍ରତୀକ୍ଷିତ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରୁ ୮ ଜଣ ଲୋକଙ୍କ ସହ ଫୋନ ଯୋଗେ ସିଧାସଳଖ କଥା ହୋଇ ଥାନା ଓ ଡାକ୍ତରଖାନାରେ ମିଳୁଥିବା ସେବା ଓ ବ୍ୟବସ୍ଥା ସମ୍ପର୍କରେ ମତାମତ ଲୋଡ଼ିଥିଲେ। 'ମୋ ସରକାର' ପୋର୍ଟାଲରୁ ବିକ୍ଷିପ୍ତ ଭାବେ ସଂଗୃହୀତ ନମ୍ବରକୁ ସେ ଫୋନ୍ କରିଥିଲେ। ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ଥାନା ଓ ଡାକ୍ତରଖାନା ସମ୍ପର୍କରେ ସେମାନଙ୍କ ମତାମତ ଦେଇଥିଲେ ଏବଂ ଏଭଳି ଅଭିନବ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ସେ କ୍ୟାପିଟାଲ ହସ୍ପିଟାଲ ଓ ସହିଦ ନଗର ଥାନାକୁ ଯାଇ ମୋ ସରକାର ଲୋଗ ଏବଂ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ବାର୍ତ୍ତା ସମ୍ବଳିତ ଫଳକ ଉନ୍ମୋଚନ କରିଥିଲେ। ବୁଧବାରଠାରୁ ରାଜ୍ୟର ସମସ୍ତ ପୋଲିସ ଥାନା ଓ ୨୧ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବଂ କଟକ, ବ୍ରହ୍ମପୁର ଓ ସମ୍ବଲପୁର ମେଡ଼ିକାଲ କଲେଜରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅକ୍ଟୋବର ୩୦ ତାରିଖ ସୁଦ୍ଧା ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହା କାର୍ଯ୍ୟକାରୀ ହେବ । ୨୦୨୦ ମାର୍ଚ୍ଚ ୫ ସୁଦ୍ଧା



ରାଜ୍ୟର ସବୁ ବିଭାଗରେ ଏହା କାର୍ଯ୍ୟକାରୀ ହେବ। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ମୁଖ୍ୟମନ୍ତ୍ରୀ ମୋ ସରକାର କାର୍ଯ୍ୟକ୍ରମ ବିଷୟରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ, ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ ସେବା ପାଇଁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସେବା ଯୋଗାଇଦେବା । କାରଣ ଗଣତନ୍ତ୍ରରେ ଜନସାଧାରଣ ହେଉଛନ୍ତି ପ୍ରକୃତ ମାଲିକ ଓ ସରକାରୀ କର୍ମଚାରୀ ମାନେ ହେଉଛନ୍ତି ସେବକ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟାଳୟକୁ ଆସୁଥିବା ଜନମତ ବିକ୍ଷିପ୍ତ ଭାବରେ ସଂଗ୍ରହ କରାଯିବ। ଏହା ଏକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ନୁହେଁ। କେବଳ ସରକାରୀ କର୍ମଚାରୀଙ୍କର ବ୍ୟବହାର ବୃଦ୍ଧି ସହ ମତାମତ ଗ୍ରହଣ କରାଯାଇ ବ୍ୟବସ୍ଥାର ଉନ୍ନତି ଆଣିବା ମୂଳ ଲକ୍ଷ୍ୟ। ବ୍ୟବସ୍ଥାରେ ଉନ୍ନତି ହିଁ ଜନ ସାଧାରଣଙ୍କ ଜୀବନର ଦିଗଦର୍ଶନ ଆଣିପାରିବ। ସରକାରୀ ଅନୁଷ୍ଠାନକୁ କାମ ପାଇଁ ଆସୁଥିବା ସବୁ ବ୍ୟକ୍ତିଙ୍କ ଟେଲିଫୋନ ନମ୍ବର ପଂଜୀକରଣ କରାଯିବ ଏବଂ ୨୪ ଘଂଟା ମଧ୍ୟରେ ସେ ବାବଦରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଫୋନକୁ ଏସଏମଏସ କରାଯିବ । ଯଦି ଏହା ନ ଯାଏ କିମ୍ବା ତାଙ୍କ ନମ୍ବର ପଂଜୀକୃତ ହୋଇନଥାଏ ତେବେ ସମ୍ପୃକ୍ତ ବ୍ୟକ୍ତି ୧୪୫୪୫ ନମ୍ବରକୁ ମିସ୍ କଲ କରି ନିଜର ଟେଲିଫୋନ ନମ୍ବରକୁ ପଞ୍ଜିକୃତ କରିପାରିବେ । ମୋ ସରକାର ପୋର୍ଟାଲକୁ ବିକ୍ଷିପ୍ତ ଭାବରେ ଟେଲିଫୋନ ନମ୍ବର ସଂଗ୍ରହ କରାଯିବ ଏବଂ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଥାନା କ୍ଷେତ୍ରରେ ପୋଲିସ ମହାନିର୍ଦ୍ଦେଶକ ଏବଂ ଚିକିତ୍ସା ସୁବିଧା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ଫୋନ୍ କରି ଜନ ସାଧାରଣଙ୍କ ମତାମତ ଲୋଡ଼ିବେ। ଏହି ମତାମତ ଭିତିରେ ସମ୍ପୃକ୍ତ ଥାନା ବା ଡାକ୍ତରଖାନାର କର୍ମଚାରୀ ମାନଙ୍କୁ ଭଲ ଓ ଖରାପ ର୍ୟାଙ୍କ ଦିଆଯିବ । ଭଲ ର୍ୟାଙ୍କ ପାଇଥିବା କର୍ମଚାରୀଙ୍କୁ ଆଗୁଆ ଓ ଖରାପ ର୍ୟାଙ୍କ ପାଇଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାରୀ କାର୍ଯ୍ୟାଳୟ ବ୍ୟବସ୍ଥା ଏବଂ କର୍ମଚାରୀଙ୍କ ବ୍ୟବହାର ସମ୍ପର୍କରେ ନକରାତ୍ମକ ମତାମତ ଦେଇଥିବା ବ୍ୟକ୍ତି ମାନଙ୍କର ନାମ ଗୋପନ ରଖାଯିବ।

ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା

# ମନଇଚ୍ଛା ହୋଇପାରିବନି ମଠ, ମନ୍ଦିର ଉଚ୍ଛେଦ

**ଭୁବନେଶ୍ୱର:** ପୁରୀରେ ଐତିହ ସଂପନ୍ନ ମଠ ମନ୍ଦିର ଉଚ୍ଛେଦ ବେଳେ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଜରୁରୀ। ଶ୍ରୀମନ୍ଦିର ସଂସ୍କାର ମାମଲାରେ ଶୁଣାଣି ବେଳେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଉଚ୍ଛେଦ ସମୟରେ ବରିଷ୍ଠ ସେବାୟତଙ୍କ ପରାମର୍ଶ ନେବାକୁ ଜଷ୍ଟିସ ଅରୁଣ ମିଶ୍ରଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଖଣ୍ଡପୀଠ ମତ ଦେଇଛନ୍ତି। ଅଦାଲତ କହିଛନ୍ତି ଯେ ସମସ୍ତ ପକ୍ଷଙ୍କ ସହ ଆଲୋଚନା କରି ସରକାର ଉଚ୍ଛେଦ କରନ୍ତୁ। ବର୍ତ୍ତମାନ ସୁଦ୍ଧା ଉଚ୍ଛେଦ ହୋଇଥିବା ଲୋକେ କେତେ କ୍ଷତିପୂରଣ ପାଇଛନ୍ତି ସେ ସଂକ୍ରାନ୍ତରେ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅକ୍ଟୋବର ୨୨କୁ ଦିନ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ୬ ଓ ୭ ତାରିଖରେ ଆମିକସ କ୍ୟୁରୀ ରଞ୍ଜିତ କୁମାର ଓ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପୁରୀ ଆସିଥିଲେ। ସେମାନଙ୍କୁ ସୁପ୍ରିମକୋର୍ଟ ପୁରୀରେ ଚାଲିଥିବା ଉଚ୍ଛେଦ ଓ ବିକାଶ କାର୍ଯ୍ୟ ତଦାରଖ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆମିକସ କ୍ୟୁରୀଙ୍କ ରିପୋର୍ଟ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ନିଷ୍ପତ୍ତି ନେଇଛନ୍ତି। ଶୁଣାଣୀ



ସମୟରେ ରାଜ୍ୟ ପକ୍ଷରୁ ଆଡଭୋକେଟ୍ ଜେନେରାଲ(ଏଜି) ଅଶୋକ ପରିଜାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ପରିଜା କହିଛନ୍ତି ଯେ ସବୁ ଆଇନ ଅନୁଯାୟୀ କରାଯାଇଛି । ରାଜ୍ୟ ସରକାର ଏପର୍ଯ୍ୟନ୍ତ ନେଇଥିବା ପଦକ୍ଷେପ ସମ୍ପର୍କରେ ଖୁବ୍‌ଶୀଘ୍ର କୋର୍ଟଙ୍କୁ ଅବଗତ କରାଯିବ। ଏପଟେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଶଙ୍କରାଚାର୍ଯ୍ୟଙ୍କ ମୁଖପାତ୍ର ମନୋଜ କୁମାର ରଥ ସ୍ୱାଗତ କତରିଛନ୍ତି। ସେହିପରି କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସେବାୟତ ମହଲରେ ମଧ୍ୟ ସ୍ୱାଗତ କରାଯାଇଛି। ଯେଉଁଭଳି ଢଙ୍ଗରେ ଉଚ୍ଛେଦ କରାଯାଉଛି, ତାକୁ ସେବାୟତ ବିରୋଧ କରି ଆସୁଥିଲେ ମଧ୍ୟ ଆମ କଥାକୁ ପ୍ରଶାସନ ଗୁରୁତ୍ୱ ଦେଉନଥିଲା। କୋର୍ଟଙ୍କ ନିଷ୍ପତ୍ତି ପରେ ପ୍ରଶାସନକୁ ଆମ କଥା ଶୁଣିବାକୁ ପଡ଼ିବ ବୋଲି ବରିଷ୍ଠ ଦଇତାପତି ମାନେ କହିଛନ୍ତି।

# କେନ୍ଦ୍ରାପଡ଼ାରେ ଲାଗୁହେବ ଏନ୍‌ଆର୍‌ସି !

**ଭୁବନେଶ୍ୱର:** ଓଡ଼ିଶାରେ ଲାଗୁ ହୋଇପାରେ ଏନ୍‌ଆର୍‌ସି(ନ୍ୟାସନାଲ୍ ରେଜିଷ୍ଟର ଅଫ୍ ସିଟିଜେନ୍‌ସ)। ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ବହୁ ଅନୁପ୍ରବେଶକାରୀ ଅଛନ୍ତି। ତେଣୁ ପ୍ରଥମେ ଏନ୍‌ଆରସି କେନ୍ଦ୍ରାପଡ଼ା ଜିଲ୍ଲାରେ ଲାଗୁ ହେବାର ସମ୍ଭାବନା ରହିଛି। ଗତ ସେପ୍ଟେମ୍ବର ୨୦ ତାରିଖରେ ଗୃହ ମନ୍ତ୍ରଣାଳୟର ଜନୈକ ବରିଷ୍ଠ ଅଧିକାରୀ ଏ ସଂକ୍ରାନ୍ତରେ ଏନ୍‌ଆର୍‌ସି କାର୍ଯ୍ୟକାରୀ କରୁଥିବା ରେଜିଷ୍ଟ୍ରାର୍ ଜେନେରାଲ୍ ଅଫ୍ ଇଣ୍ଡିଆଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଯାହା ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାରେ ରହୁଥିବା ବିଦେଶୀ ନାଗରିକଙ୍କ ଚିହ୍ନଟ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବା ନେଇ ସମ୍ଭାବନା ପ୍ରକାଶ ପାଇଛି। ଏହି ପତ୍ରରେ ଅଧିକାରୀ ଜଣକ ଲେଖିଛନ୍ତି ଯେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରୀ ମୋହିତ ଅଗ୍ରୱାଲ ୨୦୧୮ରେ ନଭେମ୍ବର ୨୬ରେ ହାଇକୋର୍ଟଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିଥିଲେ। ଯେଉଁଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଏନ୍‌ଆରସି କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ସୁପାରିସ କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ମଧ୍ୟ ଏହି ସୁପାରିସକୁ ଗ୍ରହଣ କରି ୨୦୧୯ ଜାନୁଆରୀ ୨୧ରେ ରାଜ୍ୟ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ କମିଟିକୁ ଆମିକସ କ୍ୟୁରିଙ୍କ ପରାମର୍ଶ ଆଧାରରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏ ନେଇ ଆମିକସ କ୍ୟୁରୀ ଗୃହ ମନ୍ତ୍ରାଳୟକୁ ଇ-ମେଲ୍ ପଠାଇଥିଲେ। ଏହି ଇ-ମେଲ୍‌କୁ ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ପଠାଇଛି ଗୃହ ମନ୍ତ୍ରଣାଳୟ। ଉଲ୍ଲେଖଯୋଗ୍ୟ ଯେ କିଛିଦିନ ପୂର୍ବରୁ ଆମିକସ କ୍ୟୁରୀଙ୍କ ରିପୋର୍ଟକୁ ଭିତ୍ତି କରି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମଧ୍ୟ କେନ୍ଦ୍ର ସରକାରଙ୍କୁ ଏନ୍‌ଆର୍‌ସି ଲାଗୁ କରି ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଲୋକଙ୍କୁ ଚିହ୍ନଟ କରିବାକୁ ଅନୁରୋଧ କରିଥିଲେ। ତେବେ ଗୃହ ବିଭାଗ ପକ୍ଷରୁ ବର୍ତ୍ତମାନ ଚିଠି ଲେଖାଯିବା ପରେ କେନ୍ଦ୍ରାପଡ଼ାରେ ଏନ୍‌ଆରସି ଲାଗୁ ହେବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ନିକଟରେ ଆସାମରେ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନ୍‌ଆର୍‌ସି ତାଲିକା ପ୍ରକାଶ ପାଇ ସାରିଛି। ଏହି ତାଲିକାରେ ସ୍ଥାନ ପାଇବା ପାଇଁ ମୋଟ ୩ କୋଟି ୧୧ ଲକ୍ଷ ୨୧ ହଜାର ଜଣ ଲୋକ ଆବେଦନ କରିଥିବା ବେଳେ ତାଲିକାରୁ ୧୯ ଲକ୍ଷ ୬ ହଜାର ୬୫୭ ଜଣ ବାଦ୍ ପଡ଼ିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ସାରା ଦେଶରେ ଏନ୍‌ଆର୍‌ସି ଲାଗୁ କରିବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏପରିସ୍ଥଳେ ରାଜ୍ୟରେ ପୁଣି ଥରେ ବେଆଇନ୍ ଅନୁପ୍ରବେଶକାରୀଙ୍କ ଭବିଷ୍ୟତକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ ଆମିକସ କ୍ୟୁରୀଙ୍କ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଅତି କମରେ ୭ ରୁ ୮ ଲକ୍ଷ ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ ସିଂହଭାଗ କେବଳ କେନ୍ଦ୍ରାପଡ଼ାରେ ଆସ୍ଥାନ ଜମାଇଛନ୍ତି।

# ଗାନ୍ଧିଜୀଙ୍କ ବାର୍ତ୍ତା ସମ୍ପର୍କରେ ଜନତାଙ୍କୁ ଅବଗତ କରାଯିବ: ଧର୍ମେନ୍ଦ୍ର

**କଟକ:** ସାରା ଦେଶରେ ବିଜେପିର ଗାନ୍ଧୀ ସଂକଳ୍ପ ପଦ ଯାତ୍ରା ଅନୁଷ୍ଠିତ ହୋଇଯାଇଥିବା ବେଳେ ଓଡିଶାର କଟକ ଜିଲ୍ଲା ତେଲାଙ୍ଗାପେଣ୍ଠରୁ ବାଲିସାହୀ ପର୍ଯ୍ୟନ୍ତ ବିଜେପିର ଗାନ୍ଧୀ ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ଗାନ୍ଧୀଙ୍କ ଜୀବନର ମୂଲ୍ୟବୋଧକୁ ଦେଶବାସୀ ଆପଣାଇବା ହିଁ ମହାତ୍ମା ଗାନ୍ଧୀଙ୍କୁ ଉଚିତ୍ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶ ତଥା ରାଜ୍ୟର କୋଣ ଅନୁକୋଣରେ ଆଜି ଗାନ୍ଧୀଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେପି ପକ୍ଷରୁ ଓଡିଶାର ଏହି ଐତିହାସିକ ସ୍ଥାନ ତଲେଙ୍ଗାନାପେଣ୍ଠରୁ ଗାନ୍ଧି ସଂକଳ୍ପ ପଦଯାତ୍ରା ଆୟୋଜନ କରାଯାଇଛି। ମହାତ୍ମା ଗାନ୍ଧିଙ୍କ ସ୍ୱଚ୍ଛ ଭାରତ, ନିଶା ନିବାରଣ, ସ୍ୱଦେଶୀ ଅର୍ଥନୀତି, ନୈତିକତାଯୁକ୍ତ ଶିକ୍ଷା, ଗଣତନ୍ତ୍ରର ମୂଲ୍ୟବୋଧର ବାର୍ତା ଏବେ ମଧ୍ୟ ମହତ୍ୱ ରଖିଛି। ପ୍ଲାଷ୍ଟିକ୍ ମୁକ୍ତ ଭାରତ, ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଜନସଂଖ୍ୟା ନିୟନ୍ତ୍ରଣ ମହାତ୍ମା ଗାନ୍ଧୀ ବିଚାରକୁ ଜନ ଆନ୍ଦୋଳନରେ ପରିଣତ କରିବା ଗାନ୍ଧୀଙ୍କ ଜନ୍ମଦିନର ଶ୍ରେଷ୍ଠ ଉପହାର ହେବ ବୋଲି ସେ କହିଛନ୍ତି। ସତ୍ୟନିଷ୍ଠା, ସାଧୁତା, କରୁଣା ତଥା ମାନବିକତାର ଅନନ୍ୟ ମୂର୍ତିମନ୍ତ ପ୍ରତୀକ ହେଉଛନ୍ତି ମହାତ୍ମାଗାନ୍ଧୀ, ଆମର ପ୍ରିୟ ବାପୁ। ଅହିଂସା ନୀତିରେ ଥିଲା ତାଙ୍କର ଅଖଣ୍ଡ ବିଶ୍ୱାସ। ଏହା କେବଳ ଆମର ଅସ୍ତିତ୍ୱର ଆଧାର ନୁହେଁ, ବରଂ ମାନବ ସମାଜ ଓ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଅନିର୍ବାଯ୍ୟ ଆବଶ୍ୟକତା। ସମାଜର ଅନ୍ତିମ ପାହାଚରେ ଥିବା ବ୍ୟକ୍ତି ପାଖରେ ସମସ୍ତ ଯୋଜନାର ଲାଭ ପହଁଚାଇବା ଥିଲା ବାପୁଙ୍କ ବିଚାରର ଅନ୍ୟତମ ମୂଳମନ୍ତ୍ର। କେନ୍ଦ୍ରରେ ହେଉ ବା ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର ସବୁବେଳେ ଗରିବଙ୍କ ପାଇଁ ସମର୍ପିତ। ଗାନ୍ଧୀ ବିଚାରର ଲକ୍ଷ୍ୟ- ସର୍ବୋଦୟ । ଏହି ସର୍ବୋଦୟ ହିଁ ନରେନ୍ଦ୍ର ମୋଦିଙ୍କ ଶାସନ ବ୍ୟବସ୍ଥାର ମୂଳବିନ୍ଦୁ । ଗରିବ ମା' ଘରେ ଉଜ୍ଜ୍ୱଳା ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ପହଁଚାଇ ତା ଆଖିର ଲୁହ ପୋଛିବା ହେଉ କି ସ୍ୱଚ୍ଛ ଭାରତ ଅଭିଯାନରେ ଗରିବ ଘରେ ପାଇଖାନା, ଗରିବଙ୍କ ମୁଣ୍ଡ ଉପରେ ପକ୍କା ଘର ଅଥବା ଆୟୁଷ୍ମାନ ଯୋଜନା ମାଧ୍ୟମରେ ଦରିଦ୍ର, ବଞ୍ଚିତ, ନିଷ୍ପେଷିତ ଓ ଅବହେଳିତଙ୍କ ସ୍ୱାସ୍ଥ୍ୟସେବା ହେଉ, ସବୁଠି ବାପୁଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ମୋଦି ସରକାର ଅଙ୍ଗୀକାରବଦ୍ଧ। ବାପୁଙ୍କ ସ୍ୱାବଲମ୍ବନଶୀଳତାର ସ୍ୱରୂପ ହେଉଛି ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ। ଗାନ୍ଧୀଜୀଙ୍କ ଦର୍ଶନର ସମାହାର ହିଁ ମୋଦିଙ୍କ ମନ୍ତ୍ର- ସବ୍‌କା ସାଥ୍- ସବ୍‌କା ବିକାଶ- ସବ୍‌କା ବିଶ୍ୱାସ । ବାପୁଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହି ମହାମାନବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନବଭାରତ ନିର୍ମାଣ କରିବା ପାଇଁ ଅ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଆହ୍ୱାନକୁ କାର୍ଯ୍ୟକାରୀ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଭାରତକୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପ୍ରଭାବରୁ ମୁକ୍ତ କରିବା ତଥା ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବଦଳରେ କାଗଜ ଓ କପଡା ବ୍ୟାଗ୍ ବ୍ୟବହାର କରିବା, ଜଳ ସଂରକ୍ଷଣ ଓ ଜନସଂଖ୍ୟା ନିୟନ୍ତ୍ରଣ ବାର୍ତାର ପ୍ରଚାର ସହ ଡିଜିଟାଲ ପ୍ଲାଟ୍‌ଫର୍ମକୁ ଲୋକପ୍ରିୟ କରିବା ପାଇଁ ପ୍ରତ୍ୟେକ ଜନସାଧାରଣଙ୍କ ପାଖକୁ ଯିବା ପାଇଁ ଶ୍ରୀ ପ୍ରଧାନ ଶପଥ ପାଠ କରାଇବା ସହ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତା ଜନସାଧାରଣଙ୍କ ସହିତ ଭାଗୀଦାର ହୋଇ ଦେଶର ବିକାଶ ଓ ଗରିବ କଲ୍ୟାଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିବର୍ତନ କରିବା ପାଇଁ ସେ ଆହ୍ୱାନ କରିଥିଲେ।

# ପ୍ରତିଷ୍ଠା ହେବ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍

**ଭୁବନେଶ୍ୱର:** ଖୁବଶୀଘ୍ର ଓଡ଼ିଶାରେ ପ୍ରତିଷ୍ଠା ହେବ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍। ଏଥିପାଇଁ ଜାଗା ଚିହ୍ନଟ ହୋଇସାରିଥିବା ବେଳେ ଭିତ୍ତିଭୂମୀ ପ୍ରସ୍ତୁତି ପାଇଁ ସରକାର ଖର୍ଚ୍ଚର ଆକଳନ କରିଛନ୍ତି। ଏହି ପ୍ରକଳ୍ପ ୨୪ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ଭୁବନେଶ୍ୱର ପୋଖରିପୁଟଠାରେ ପ୍ରତିଷ୍ଠା ହେବ। ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରି ଚୁଡ଼ାନ୍ତ ରିପୋର୍ଟ ଦେବା ପାଇଁ ପୂର୍ତ୍ତ ବିଭାଗ ଉପ ସଚିବଙ୍କ ପକ୍ଷରୁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ଓଡ଼ିଶାରେ ଏକ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍ ପ୍ରତିଷ୍ଠା ପାଇଁ ଗତ ଅଗଷ୍ଟ ୩୧ରେ ହସ୍ତତନ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବଙ୍କୁ ଚିଠି ଲେଖିଥିଲେ। ଚିଠିରେ ସେ ଏହି ପ୍ରକଳ୍ପର ପ୍ଲାନ ଓ ଆବଶ୍ୟକ ହେବାକୁ ଥିବା ଅର୍ଥ ସମ୍ବନ୍ଧରେ ଜଣାଇଥିଲେ। ଏହି ପ୍ରକଳ୍ପ ଅନୁସାରେ ନିର୍ମାଣ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍‌ରେ ଏକ କନଫରେନ୍ସ ହଲ, ଇଣ୍ଡୋର ପ୍ରଦର୍ଶନୀ ହଲ, ଶୋ' ରୁମ ଓ ଡିସପ୍ଲେ କଟେଜ ନିର୍ମାଣ କରାଯିବ। ଯାହା ଓଡ଼ିଶାର ହସ୍ତଶିଳ୍ପ, ହସ୍ତତନ୍ତ ଓ କୁଟିର ଶିଳ୍ପର ବିକାଶ ହୋଇପାରିବ। ଏହାସହିତ ଏହି ଶିଳ୍ପକାର୍ଯ୍ୟରେ ନିୟୋଜିତ ଥିବା ଶିଳ୍ପୀଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହୋଇପାରିବ। ଏଥିସହିତ ହସ୍ତଶିଳ୍ପ କାରିଗରମାନଙ୍କର ବିକାଶ ସହ ଓଡ଼ିଶା ହସ୍ତଶିଳ୍ପର ପ୍ରଚାର ପ୍ରସାର ପାଇଁ ରାଜ୍ୟରେ ୫ରୁ ଊର୍ଦ୍ଧ୍ୱ ହ୍ୟାଣ୍ଡିକ୍ରାଫ୍ଟ କ୍ଲଷ୍ଟର୍ ନିର୍ମାଣ ପାଇଁ ଯୋଜନା ରହିଛି। ଚଳିତ ବର୍ଷ ନୂତନ ଭାବେ ଲାଗୁ ହୋଇଥିବା ହସ୍ତଶିଳ୍ପ ନୀତି-୨୦୧୯ ଅଧୀନରେ ହସ୍ତଶିଳ୍ପ କ୍ଲଷ୍ଟର ବିକାଶକୁ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ନୟାଗଡ଼, ବାରିପଦା ଓ କେନ୍ଦୁଝର ଭଳି ଜିଲ୍ଲାରେ ହସ୍ତଶିଳ୍ପ ଉପରେ ନିର୍ଭରକରି ଚଳୁଥିବା ପରିବାର ସଂଖ୍ୟା ଅଧିକ ରହିଛି। ଏହି ଜିଲ୍ଲାମାନଙ୍କରେ ହସ୍ତଶିଳ୍ପର ପ୍ୟାକେଜିଂ ଓ ଟ୍ରେନିଂ ପାଇଁ ସ୍ୱତନ୍ତ୍ର ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍ ପ୍ରତିଷ୍ଠା ଲାଗି ମଧ୍ୟ ସରକାର ଯୋଜନା କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାହେଲା ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର କିଭଳି ହସ୍ତଶିଳ୍ପ ଓ ହସ୍ତତନ୍ତ ଶିଳ୍ପରେ ଉପଯୋଗ କରାଯାଇ ଏହାର ବିକାଶ ହାଇପାରିବ ସେଥିଲାଗି ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହାଇଛି। ରାଜ୍ୟରେ ଡୋକ୍ରା, ଟେରାକୋଟା, ଚାନ୍ଦୁଆ, ନଡ଼ିଆକତା କାରିଗରି, ଜନଜାତି ଅଳଙ୍କାର, ଶିଙ୍ଘ କାମ, ପଥର ଓ କାଠ କାରିଗରି, ବାଉଁଶ କଳାକୃତି, ପଟ୍ଟଚିତ୍ର, ଟସର ଚିତ୍ରକଳା, ଝୋଟ ଓ ଜରି କାମ, ଏମ୍ବ୍ରୋଡାରି, ଗୋଲ୍ଡେନ୍ ଗ୍ରାସ୍, ଚାନ୍ଦି କାମ, ସବାଇ ଘାସ କଳାକୃତି ଭଳି ୫୦ଟି ସ୍ୱୀକୃତିପ୍ରାପ୍ତ ହସ୍ତଶିଳ୍ପ ରହିଛି। ତେବେ ବିଭିନ୍ନ କାରଣରୁ ରାଜ୍ୟରେ ହସ୍ତଶିଳ୍ପର ବିକ୍ରିବଟାକୁ ନେଇ ସମସ୍ୟା ଉପୁଜୁଥିବା ବେଳେ ଡିଜାଇନରେ ନୂତନତ୍ୱ ଓ ଅଭିନବତ୍ୱ ଅଭାବରୁ ଏହା ଦେଶ ବିଦେଶ ପର୍ଯ୍ୟଟକ ତଥା ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ବିଫଳ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି। ବିଧାନସଭା ଷ୍ଟାଣ୍ଡିଂ କମିଟି ପରାମର୍ଶ ଅନୁଯାୟୀ ବ୍ଲାକ୍ ମାର୍ବଲ କଳାକୃତି ପାଇଁ ପ୍ରସିଦ୍ଧି ଲାଭ କରିଥିବା ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଏବଂ ବେଲ୍ ମେଟାଲ ବା ପିତଳ କାମ ପାଇଁ ପ୍ରସିଦ୍ଧ ନୟାଗଡ଼ ଜିଲ୍ଲାର କଣ୍ଟିଲୋରେ କ୍ଲଷ୍ଟର ପ୍ରତିଷ୍ଠା ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଦୁଇଟି କ୍ଲଷ୍ଟର୍ ପରେ ପରବର୍ତ୍ତୀ ସମୟରେ କେନ୍ଦୁଝର ଜିଲ୍ଲାର ହଳଧରପୁରରେ ଏକ ଟେରାକୋଟା କ୍ଲଷ୍ଟର ପ୍ରତିଷ୍ଠା ହେବାନେଇ ଯୋଜନା ରହିଛି। ନୂଆ ନୀତି ଅନୁସାରେ ଯେଉଁଠାରେ ୨୦ କିମ୍ବା ୩୦ରୁ ଅଧିକ କାରିଗର ପରିବାର ଥିବେ ସେହି ସ୍ଥାନରେ କ୍ଲଷ୍ଟର ପ୍ରତିଷ୍ଠା କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

## ନୂତନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର:** ଶୁକ୍ରବାର ପୂର୍ବାହ୍ନରେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସୁଶୀଲ କୁମାର ଲୋହାନୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ସୁରେନ୍ଦ୍ର କୁମାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଜେପୁର ଉପନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବାରୁ ସୁରେନ୍ଦ୍ର କୁମାର ନିର୍ବାଚନ ସଂପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଅଧିକାରୀ, ଉପବିଭାଗୀୟ ଅଧିକାରୀ, ସହକାରୀ ଉପବିଭାଗୀୟ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ଲୋହାନୀଙ୍କୁ ସ୍ୱାଗତ କରିଥିଲେ । ଅପରାହ୍ନରେ ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ସବୁ କର୍ମଚାରୀମାନଙ୍କୁ ନେଇ ବିଜେପୁର ଉପନିର୍ବାଚନ ସଂପର୍କରେ ଏକ ସମୀକ୍ଷା କରିଥିଲେ।

## ବକ୍ରବାଣୀ



ଯାଇଥେଲି ମୁଇଁ ପୁଲିସ ଥାନା
ଦାରୋଗା କହିଲେ ଜୁହାର ନନା
ଚଉକି ପାଖରେ ବସେଇ ମୋତେ
ମୋ ସର୍କାର କଥା କହିଲେ କେତେ
ପାଣି ଢାଳଟାଏ ପିଆଇ ଦେଲେ
ଚାହା ପାନ ଖର୍ଚ୍ଚ ଆଗୁଆ ନେଲେ
ବନ୍ଧୁ ଭଳି ମୋତେ କଲେ ଆଦର
ନିଶକୁ ମୋଡିଲେ କେଡେ ସୁନ୍ଦର
ଶେଷକୁ କହିଲେ ଦଉନ କିଆଁ
ତାଙ୍କ କଥା ଶୁଣି ମାଇଲି ଡିଆଁ।

——— ଟୁଟୁ

# ଫଣ୍ଡିଂ ବନ୍ଦ ହେଲେ କମିବ ଆତଙ୍କବାଦ: ଏନ୍‌ଆଇଏ ଡିଜି

**ଭୁବନେଶ୍ୱର:** ବେଆଇନ ଭାବେ ମୋଟା ଅଙ୍କର ଅର୍ଥ ମିଳୁଥିବାରୁ ରାଜ୍ୟରେ ନକ୍ସଲ ଓ ଦେଶରେ ଆତଙ୍କବାଦ ବଢୁଛି। ତେଣୁ ଆର୍ଥିକ ସହାୟତା ତଥା ଫଣ୍ଡିଂ ବନ୍ଦ ହେଲେ ଆତଙ୍କବାଦ କମିବ। ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ଅଧିକାରୀମାନେ ଫଣ୍ଡିଂ ବନ୍ଦ ଉପରେ ଗୁରୁତ୍ୱ ଦେବା ଦରକାର ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)ର ଡିଜି ଯୋଗେଶ ଚନ୍ଦ୍ର ମୋଦୀ କହିଛନ୍ତି। ଭୁବନେଶ୍ୱର ପୁଲିସ ଭବନରେ ଆୟୋଜିତ ଆତଙ୍କବାଦ ତଦନ୍ତ ସମ୍ପର୍କୀତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ମୋଦୀ କହିଲେ ଯେ ଆତଙ୍କବାଦ ମାମଲାର ତଦନ୍ତରେ ଅଧିକ ଟେକ୍ନୋଲୋଜି ବ୍ୟବହାର କରାଯାଇ ତଥ୍ୟ ପ୍ରମାଣ ଯୋଗାଡ଼ କରାଯାଇଥାଏ। ଅନେକ ସମୟରେ ଏଭଳି ମାମଲାରେ ଅଭିଯୁକ୍ତ ଧରାପଡ଼ନ୍ତି ନାହିଁ, କାଗଜପତ୍ର ପ୍ରମାଣ ମଧ୍ୟ ମିଳିବା



ମୁସ୍କିଲ ହୋଇପଡ଼ିଥାଏ। ତେଣୁ ଫରେନ୍‌ସିକ ଓ ଟେକ୍ନୋଲୋଜିକୁ ଆଧାର କରି ଏଭଳି ମାମଲାର ତଦନ୍ତ କରାଯାଇଥାଏ। ତେବେ ଓଡ଼ିଶା ପୁଲିସର ଅଧିକାରୀମାନେ ବହୁ ସଂଖ୍ୟାରେ ଏନ୍‌ଆଇଏକୁ ଡେପୁଟେସନରେ ଗଲେ, ନକ୍ସଲ ତଦନ୍ତ କ୍ଷେତ୍ରରେ ତାହା ବେଶ୍ ସହାୟକ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି। ଏହି କର୍ମଶାଳାରେ ପୁଲିସ ଡିଜି ବିକେ ଶର୍ମା ଯୋଗଦେଇ କହିଥିଲେ, ଓଡ଼ିଶାରେ ଆତଙ୍କବାଦ(ନକ୍ସଲ) ମାମଲାର କେସ୍ ବହୁ ସଂଖ୍ୟାରେ ରୁଜୁ ହେଉଛି। ହେଲେ ଏହି ମାମଲାର ତଦନ୍ତ ଟିକେ ଭିନ୍ନ ହୋଇଥିବାରୁ ଏଭଳି ପ୍ରଶିକ୍ଷଣ ଓଡ଼ିଶା ପୁଲିସକୁ ବେଶ୍ ସହାୟକ ହେବ। ତଦନ୍ତ ବେଳେ କେଉଁ ପ୍ରକାର ନୂଆ ଜ୍ଞାନକୌଶଳ ଆପଣା ଯାଇପାରିବ, ସେ ନେଇ ଶିକ୍ଷା ଲାଭ କରିବାର ଆବଶ୍ୟକତା ରହିଥିବା ପୁଲିସ ଡିଜି କହିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟର ୧୦୦ରୁ ଅଧିକ ପୁଲିସ ଅଧିକାରୀ ଯୋଗ ଦେଇଥିଲେ। ଏହି ଅଫିସରମାନେ ଆତଙ୍କବାଦ ସମ୍ପର୍କିତ ମାମଲାର ତଦନ୍ତ କୌଶଳ ଶିକ୍ଷାଲାଭ କରିଛନ୍ତି; ଯାହା ନକ୍ସଲ ମାମଲାର ତଦନ୍ତ କ୍ଷେତ୍ରରେ ସହାୟକ ହେବ। ପୂର୍ବରୁ ଆତଙ୍କବାଦ ତଦନ୍ତ ଟ୍ରେନିଂ ଦିଲ୍ଲୀରେ କରାଯାଉଥିଲା। ସେଠାକୁ ଅଧିକ ସଂଖ୍ୟାରେ ପୁଲିସ ଅଧିକାରୀ ଯାଇପାରୁନଥିଲେ। ତେଣୁ ଚଳିତ ଥର ଏନଆଇଏ ଡିଜିଙ୍କୁ ଓଡ଼ିଶା ଆସି ପ୍ରଶିକ୍ଷଣ ଦେବାକୁ ଅନୁରୋଧ କରାଯାଇଥିଲା। ଅନୁରୋଧ ରକ୍ଷା କରି ସେ ଆସି ଏଠାରେ ଏକ କର୍ମଶାଳାରେ ଯୋଗ ଦେଇଛନ୍ତି। ଏହି କର୍ମଶାଳାରେ ପୁଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ କୁମାର ଉପାଧ୍ୟାୟ, ଏନ୍‌ଆଇଏ ଆଇଜି ଜି.ପି ସିଂ, ଇଓଡବ୍ଲୁ ଆଇଜି ଘନଶ୍ୟାମ ଉପାଧ୍ୟାୟ ଓ ଏନ୍‌ଆଇଏ ଡିଆଇଜି ପ୍ରବୀଣ କୁମାରଙ୍କ ସମେତ ବହୁବରିଷ୍ଠ ପୁଲିସ ଅଧିକାରୀ ଯୋଗ ଦେଇଥିଲେ। ଉଲ୍ଲେଖଥାଉ କି, ଆତଙ୍କବାଦୀଙ୍କ କଳାଛାୟାରୁ ସର୍ବଦା ଦୂରରେ ଥିବା ଓଡ଼ିଶା ଏବେ ନିରାପଦ ନୁହେଁ। ବିନା ବାଧାରେ ଓଡ଼ିଶାରେ ଇଣ୍ଡିଆନ ମୁଜାହିଦ୍ଦିନ (ଆଇଏମ୍) ଆତଙ୍କବାଦୀ ସଂଗଠନର ସଦସ୍ୟ ଆସି ଭୁବନେଶ୍ୱର ଓ ପୁରୀରେ ରହି ଫେରିଯାଇଛନ୍ତି। ଫଳରେ ଏବେ ଆତଙ୍କବାଦୀ ଆକ୍ରମଣ ଆଶଙ୍କାକୁ ଓଡ଼ିଶା ପୁଲିସ ଏଡ଼ାଇ ଦେଇ ନପାରେ। ଅନେକ ସମୟରେ ଆତଙ୍କବାଦୀ ଓଡ଼ିଶାକୁ ଟାର୍ଗେଟ କରୁଥିବା ନେଇ କେନ୍ଦ୍ରୀୟ ଗୁଇନ୍ଦା ରିପୋର୍ଟ ଦେଇଛି। ନିକଟରେ ଜୈସ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନ ସମୁଦ୍ରତଟ ଦେଇ ଓଡ଼ିଶାରେ ଅନୁପ୍ରବେଶ କରିବାକୁ ଯୋଜନା କରୁଥିବା ଗୁଇନ୍ଦା ରିପୋର୍ଟ ମିଳିବା ପରେ ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଥିଲା। ତେଣୁ ଓଡ଼ିଶା ଏବେ ଆତଙ୍କବାଦୀଙ୍କ ନଜରରେ ଥିବାରୁ ଏହାର ତଦନ୍ତ ପ୍ରକ୍ରିୟା ଶିଖିବା ପୁଲିସ ପାଇଁ ଜରୁରୀ ହୋଇପଡ଼ିଥିଲା।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୭ - ୧୩ ଅକ୍ଟୋବର, ୨୦୧୯

# ବାସ୍ତବରେ ଦଲାଲ କିଏ ?

ଦଲାଲମୁକ୍ତ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ବି ଯେଉଁମାନେ ଏହାକୁ ନିଜର ବୃତ୍ତି ଭାବେ ବାଛିନେଇଥିଲେ ସେମାନେ ଏବେ କ'ଣ କରିବେ ଚିନ୍ତାରେ ଅଛନ୍ତି । ତେବେ ସରକାରୀ ସମ୍ପତ୍ତି ଓ ରାଜକୋଷର ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ଯେତେବେଳେ ଏହାକୁ ଚଳୁ କରୁଛନ୍ତି ସେଥିପାଇଁ କାହାକୁ ଦୋଷ ଦେବେ ସରକାର । ରକ୍ଷକ ଭକ୍ଷକ ସାଜିଲେ ଦୁର୍ନୀତି ଆପେ ଆପେ ବିଶାଳ ବୃକ୍ଷ ରୂପ ଧାରଣ କରିଥାଏ । ତେଣୁ ପ୍ରକାରାନ୍ତରେ ଯେଉଁମାନେ ସରକାରଙ୍କୁ ସୁରକ୍ଷା ଦେବା ପାଇଁ ନିୟୋଜିତ ସେମାନେ ଦୁର୍ନୀତିମୁକ୍ତ ହୋଇପାରିଲେ ଦଲାଲି କରିବା ଆଦୌ ସହଜ ହେବନାହିଁ । ବ୍ୟବସ୍ଥା କଠୋର ଥିଲେ ବି ଏବେ ରାଜ୍ୟର ଗାଁ ଗଣ୍ଡାରେ ତେଜରାତି ଦୋକାନରେ ଚୋରାରେ ମିଳିପାରୁଛି ବିଦେଶୀ ମଦ । ଦୀର୍ଘ ୨୦ ବର୍ଷର ଶାସନକାଳ ଭିତରେ ବିଜେଡି ସରକାର ଏଭଳି କିଛି ପଦକ୍ଷେପ ନେଇ ନଥିଲା ବେଳେ ହଠାତ୍ ୫-ଟି ଆଳ କରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା କିଛି ଲୋକଙ୍କୁ ଆନନ୍ଦ ଦେଉଥିଲେ ବି ଅନେକଙ୍କ ମନରେ କ୍ଷୋଭ ଭରି ଦେଇଛି । ଯେଉଁ କେତେକ ଲୋକ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପରେ ଉଲ୍ଲସିତ ହେଉଛନ୍ତି ବା ଆନନ୍ଦ ଅନୁଭବ କରୁଛନ୍ତି ସେମାନେ କେବେହେଲେ ଚିନ୍ତା କରିନାହାନ୍ତି ଯେ, ଆମ ରାଜ୍ୟରେ ଶିକ୍ଷିତ ବେକାରଙ୍କ ସଂଖ୍ୟା କେତେ ? ଯେଉଁଠି ନିଯୁକ୍ତି ନାହିଁ ବା କୌଣସି ଉପାୟରେ ପେଟ ପୋଷିବାର ରାସ୍ତା ନାହିଁ ସେଠାରେ ପରିବାର ଚଳାଇବା ପାଇଁ ଦଲାଲି କଲେ ଅସୁବିଧା କ'ଣ ? ଦଲାଲମାନେ କାହା ସହାୟତାରେ ଲୋକଙ୍କ କାମ କରି କମିଶନ ଖାଉଛନ୍ତି ସେ କଥାକୁ ବିଚାର ନକରି କେବଳ ଦଲାଲଙ୍କୁ ମାଡ ଦେବା କେତେଦୂର ଯଥାର୍ଥ । ଆର୍‌ଟିଓ ହେଉ କି ହସ୍ପିଟାଲ ସବୁଠି ସରକାରୀ କର୍ମଚାରୀଙ୍କ ସହାୟତାରେ ହିଁ ଦଲାଲି ଚାଲିଛି । କିରାଣୀ, ଅଫିସର, ପିଅନ ସହଯୋଗ ନକଲେ ଦଲାଲ ମାନେ ଏହି ବୃତ୍ତିରେ ନିୟୋଜିତ ହେବାକୁ ଉଚିତ୍ ମଣନ୍ତେ ନାହିଁ । ଏମାନେ ଲୋକଙ୍କ ପାଇଁ ଯେତିକି ଉପକାର ନ କରୁଛନ୍ତି ଆର୍‌ଟିଓ ବା ହସ୍ପିଟାଲରେ କାର୍ଯ୍ୟରତ ବାବୁମାନେ ଏଥିରୁ ଅଧିକ ଫାଇଦା ପାଉଛନ୍ତି । ସରକାର ଭଲ ଭାବେ ବିଚାର କଲେ ଜାଣିପାରିବେ ଯେ, ଦଲାଲି କରୁଥିବା ବ୍ୟକ୍ତିଙ୍କ ଠାରୁ ସରକାରୀ ବାବୁମାନେ କେତେ ଟଙ୍କା ଆୟ କରନ୍ତି ଓ ସେହି ସଞ୍ଚିତ ଅର୍ଥରେ କିଭଳି ବିଳାସମୟ ଜୀବନଯାପନ କରନ୍ତି । ରାଜଧାନୀରେ ବସବାସ କରୁଥିବା ଅଧିକାଂଶ ସରକାରୀ କର୍ମଚାରୀଙ୍କର ବଡ ବଡ ଅଟ୍ଟାଳିକା ଅଛି ଏବଂ ନଗଦ ଟଙ୍କା ସହିତ ନାମିଦାମୀ ସୁନା ଗହଣା ବି ରହିଛି । ଜଣେ ଜଣେ କିରାଣୀଙ୍କର ବି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଏକାଧିକ ପ୍ଲଟ ଓ ଘର ରହିଥିବାର ପ୍ରମାଣ ମଧ୍ୟ ମିଳେ । ସେମାନଙ୍କ ମାସିକ ବେତନ ତୁଳନାରେ ଏହି କୋଠାବାଡି ଓ ସୁନାଗହଣାକୁ ହିସାବକୁ ନେଲେ ସ୍ପଷ୍ଟ ଜାଣିହେବ ଯେ, ସେମାନେ କେତେଟଙ୍କା ଲାଞ୍ଚ ଖାଇ ରାଜକୋଷକୁ ଖାଲି କରିଛନ୍ତି । ଯେଉଁ ଟଙ୍କାରେ ସେମାନଙ୍କ ପିଲାଛୁଆ ଦେଶ ବିଦେଶର ବ୍ୟୟବହୁଳ ସ୍କୁଲ କଲେଜରେ ପାଠ ପଢ଼ିବା ସହିତ ରାଜକୀୟ ଜୀବନଯାପନ କରିବା ପାଇଁ ସକ୍ଷମ ହୋଇପାରୁଛନ୍ତି । ଏହା କ'ଣ କେବଳ ଦରମା ଟଙ୍କାରୁ ସମ୍ଭବ ? ନା, ଅଧିକାଂଶ ସରକାରୀ କର୍ମଚାରୀ ଦୁର୍ନୀତି ମାର୍ଗରେ ଅର୍ଥ ଉପାର୍ଜନ କରିବା ସହିତ ନିଜେ ସିଧାସଳଖ ଏଥିରେ ସମ୍ପୃକ୍ତ ନ ରହି ଦଲାଲଙ୍କ ମାଧ୍ୟମରେ ଅର୍ଥ ଉପାର୍ଜନ କରୁଛନ୍ତି । ଏଭଳି ସ୍ଥିତିରେ ସରକାର କେବଳ ଦଲାଲଙ୍କ ଉପରେ ନଜର ପକାଇଲା କାହିଁକି ? ଦଲାଲି କରୁଥିବା ବ୍ୟକ୍ତି ସରକାରୀ କର୍ମଚାରୀଙ୍କ ସହାୟତାରେ ଏହାକୁ

ସମ୍ପାଦକୀୟ
ତାରକ ମହାନ୍ତି



ଏକ ବୃତ୍ତି ମନେ କରି ଦୀର୍ଘବର୍ଷରୁ ଏହି କାର୍ଯ୍ୟ କରି ଆସୁଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାର ତାଙ୍କୁ ତାଙ୍କ ନିଜ କର୍ମରୁ ହଟାଇ ଦେଇ ତାଙ୍କ ପରିବାର ଚଳିବା ବିଷୟରେ କି କି ବ୍ୟବସ୍ଥା କରୁଛନ୍ତି । ଯେତେବେଳେ ସମଗ୍ର ବ୍ୟବସ୍ଥା 'ଖଜୁରୀ ଗଛର ମୂଳରୁ ପାହାଚ ପାହାଚ' ଭଳି ସେଠାରେ ଦଲାଲଙ୍କ ଉପରେ ପ୍ରହାର କାହିଁକି ? ଯେଉଁ ସମୟରେ ରାଜ୍ୟରେ ଚିଟ୍‌ଫଣ୍ଡ ଟଙ୍କାର ସ୍ରୋତ ବହୁଥିଲା ସେଥିରେ ଜଡିତ ଥିବା ବ୍ୟକ୍ତି, ନେତା, ଅଫିସର କ'ଣ ଦଲାଲି କରୁନଥିଲେ ! କୋଇଲା ଦୁର୍ନୀତି ଠାରୁ ଆରମ୍ଭ କରି କାଳିଆ ଯୋଜନା ପର୍ଯ୍ୟନ୍ତ ଯେଉଁ ହେରଫେର ହୋଇଛି ସେଥିରେ ଯେଉଁମାନେ କାର୍ଯ୍ୟ କରୁଥିଲେ ବା କରୁଛନ୍ତି ସେମାନେ କ'ଣ ଦଲାଲ ନୁହନ୍ତି ? ଏଭଳି ଅନେକ ଅମିମାଂସୀତ ପ୍ରଶ୍ନ ଏବେ ସାମ୍ନାକୁ ଆସୁଛି । ଶାସନ ସ୍ୱଚ୍ଛ ହେଉ ଏହା ସମସ୍ତେ ଚାହାନ୍ତି । କାରଣ ଶାସନ ସ୍ୱଚ୍ଛ ରହିଲେ ଜନସାଧାରଣ ଏହାର ସୁଫଳ ସିଧାସଳଖ ପାଇପାରିବେ । ହେଲେ ସ୍ୱଚ୍ଛ ଶାସନ ନାମରେ ଲୋକଙ୍କୁ କର୍ମହରା କରିବା କେତେଦୂର ଯଥାର୍ଥ ଏହାକୁ ଥରେ ଚିନ୍ତା କରାଯାଉ । ବ୍ୟବସ୍ଥାର ଅଳିନ୍ଦ ଭିତରେ ଚଲାବୁଲା କରୁଥିବା ଥୋକେ ଲୋକ ଘିଅ ମହୁରେ ଭାସୁଥିଲା ବେଳେ ମାତ୍ରାଧିକ ଲୋକ ହଇରାଣ ହରକତ ହେଉଛନ୍ତି । ଯେଉଁ ବାପା-ମାଆ ଋଣ କରି ନିଜ ପିଲାଙ୍କୁ ଉଚ୍ଚଶିକ୍ଷା ଦେଇଛନ୍ତି ଯେତେବେଳେ ସେମାନଙ୍କ ପିଲା ରାଜ୍ୟରେ କୌଣସି ନିଯୁକ୍ତି ପାଇବାର ସୁଯୋଗ ପାଉନାହାନ୍ତି ସେଠାରେ ସେ ପରିବାରର ଦୁର୍ଦ୍ଦଶା କଥା କେବେ ଚିନ୍ତା କରିଛନ୍ତି କି ସରକାର ? ପୂର୍ବରୁ ସୁଯୋଗ ଦେଇ ଏବେ ସର୍ବହରା କରିବାର ଚିନ୍ତାଧାରା କାହିଁକି ଓ କିଭଳି ଉଦ୍ରେକ ହେଲା ବାସ୍ତବରେ ତାହା ଚିନ୍ତାଜନକ । ଶାସନ ଓ ପ୍ରଶାସନ ଉଭୟ ସ୍ୱଚ୍ଛ ରହିଲେ ଦଲାଲ ଆଉ ଜନ୍ମ ହୁଅନ୍ତେ ନାହିଁ । କେଉଁଠି ଗୋଟେ ଗଳାବାଟ ରହିବା ଫଳରେ ଏହି ଦଲାଲମାନେ ନିଜର କାୟାବିସ୍ତାର କରିବାକୁ ସମର୍ଥ ହୋଇପାରୁଛନ୍ତି । କେବଳ ମାର ମାର ଭଣ୍ଡାରିଆକୁ ମାର ନୀତିରେ ଦଲାଲଙ୍କ ସହ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କୁ ଯେପର୍ଯ୍ୟନ୍ତ ବନ୍ଧା ନ ଯାଇଛି ସେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ ନାହିଁ । କାରଣ ସମ୍ପୃକ୍ତ ସରକାରୀ କର୍ମଚାରୀ ଦଲାଲଙ୍କୁ ନୂଆ ନୂଆ ମନ୍ତ୍ର ଦେଇ ତାଙ୍କର କାର୍ଯ୍ୟଧାରା ପୂର୍ବଭଳି ଜାରି ରଖିବେ । ଯାହାର ଟେର ପାଇବନାହିଁ ସରକାର । ଏମିତି କୌଣସି ସରକାରୀ କାର୍ଯ୍ୟ କୁହନ୍ତୁ ଯାହା ବିନା ଲାଞ୍ଚରେ ବା ବିନା ଦଲାଲଙ୍କ ସହାୟତାରେ ହୋଇପାରୁଛି । ରାଜ୍ୟର ପ୍ରତି ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ କାରବାର ଚାଲିଛି ବୋଲି ବାରମ୍ବାର ଅଭିଯୋଗ ହୋଇଥାଏ । ଘଟଣାରେ ସତ୍ୟାସତ୍ୟ ନଥିଲେ ଏଭଳି କଥା କେବେ ଚର୍ଚ୍ଚା ପରିସରକୁ ଆସନ୍ତା ନାହିଁ । ତେଣୁ ରୋଗ ମୂଳରୁ ଧରାଯାଇ ଚିକିତ୍ସା ଆରମ୍ଭ ହେଲେ ନିଶ୍ଚୟ ସୁଫଳ ମିଳିବ । କେବଳ ରୋଗୀଙ୍କୁ ଖଟିଆରେ ସୁଆଉଥିବା ଲୋକଙ୍କୁ ଧରି ସ୍ୱଚ୍ଛତାର ସଫଳତା ଆଶା କରିବା ନିରର୍ଥକ ।

ପ୍ରତ୍ୟକ ସରକାରୀ ଯୋଜନା ପ୍ରଣୟନ ବେଳେ ଏହା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଯେଭଳି ପ୍ରଚାର କରାଯାଏ ତାହାର ବାସ୍ତବ କାର୍ଯ୍ୟଧାରାକୁ ଅନୁଶୀଳନ କଲେ ଜଣାପଡେ ପ୍ରତ୍ୟେକ ଯୋଜନାରେ କିଛି କିଛି ଫାଙ୍କ ରହିଛି । ଯାହାର ଫାଇଦା ପାଉଛନ୍ତି ବ୍ୟବସ୍ଥା ସହିତ ଜଡିତ ସରକାରୀ ଲୋକ । ଯେକୌଣସି ସରକାରୀ ଟିକସ ଭରିବା ବେଳେ କିମ୍ବା ରାଜସ୍ୱ କାରବାରରେ ଦଲାଲ ପ୍ରମୁଖ ଭୂମିକା ନିଭାଇଥାନ୍ତି । ଏହି ଦଲାଲଙ୍କ ଜରିଆରେ ବାବୁମାନେ ନିଜ ନିଜର ଭାଗ ପାଇ ଆତ୍ମସନ୍ତୋଷ ଲାଭ କରିବା ସହିତ ନିଜେ ସରକାର ବୋଲି ଗର୍ବ ଅନୁଭବ କରନ୍ତି । ଲୋକଙ୍କୁ ସେବା ଦେବା ପାଇଁ ଏମାନେ ରାଜକୋଷରୁ ପୁଳା ପୁଳା ଟଙ୍କା ମାସିକ ବେତନ ଆକାରରେ ନିଅନ୍ତି । ହେଲେ ଲୋକଙ୍କୁ ଯେଭଳି ସେବା ଯୋଗାଇବା କଥା ସେକଥା ଆଦୌ ମନେ ରଖି ନଥାନ୍ତି । ଫଳରେ ଲୋକେ ନିଜର ଛୋଟିଆ କାର୍ଯ୍ୟଟିଏ ହାସଲ କରିବା ପାଇଁ ଦଲାଲ ବା ମଧ୍ୟସ୍ଥିଙ୍କ ସହଯୋଗ ଆବଶ୍ୟକ କରନ୍ତି । ଏହାଦ୍ୱାରା ସେମାନଙ୍କ କାର୍ଯ୍ୟ ସୁରୁଖୁରୁରେ ହୋଇଯାଏ । ହେଲେ ଏଥିପାଇଁ ଅଧିକ କିଛି ଖର୍ଚ୍ଚ କରିବାକୁ ପଡେ । ହେଉପଛେ ଅଧିକ ଖର୍ଚ୍ଚ କାମ ତ ହୋଇଯାଏ । କିନ୍ତୁ ଏହି ପ୍ରକ୍ରିୟାରେ ଅନ୍ୟଏକ ପ୍ରସଙ୍ଗ ଲୁଚି ରହିଛି । ଏଯାବତ୍ ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପ୍ରଚଳିତ କାଗଜପତ୍ର ଗୁଡିକ ଓଡ଼ିଆ ଭାଷାରେ ପ୍ରସ୍ତୁତ ହୋଇନଥିବାରୁ ଏହାକୁ ବୁଝି ସାଧାରଣ ଲୋକେ ସହଜରେ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଜାଣିପାରୁ ନାହାନ୍ତି ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମୁଁ ହିଁ ଆର୍ଯ୍ୟ, ମୁଁ ହିଁ ଦ୍ରାବିଡ଼



ଡାକ୍ତର ନୀଳମାଧବ ପୃଷ୍ଟି

ଥରେ ଏକ ଓଡ଼ିଆ ଖବର କାଗଜରେ ମୋର ଏକ ଲେଖା ପ୍ରକାଶିତ ହୋଇଥାଏ । ଲେଖାଟି ଥାଏ ଚଳିତ ରାଜନୀତି ଉପରେ । ଲେଖା ପଢ଼ି ଜଣେ ଭଦ୍ର ବ୍ୟକ୍ତି ମୋତେ ଫୋନ୍ କଲେ । ନିଜକୁ ଦଳିତ ରାଜନୀତିର ଜଣେ ମସିହା ବୋଲି ପରିଚୟ ଦେଲେ । ଆର୍ଯ୍ୟଙ୍କ ଆଗମନ ଉପରେ ଗୋଟିଏ ଲମ୍ବା ଚଉଡା ଭାଷଣ ଦେଲେ । ସମ୍ବିଧାନର ଜନକ ଭୀମରାଓ ଆମ୍ବେଦକରଙ୍କ ସ୍ୱପ୍ନ କିପରି ଅଧୁରା ରହିଛି, ସେ ସମ୍ପର୍କରେ ବ୍ୟାଖ୍ୟା କଲେ । ମୋର ତାଙ୍କୁ ପ୍ରଶ୍ନ ଥିଲା 'ମୁଁ ଆମ୍ବେଦକରଙ୍କୁ ମଧ୍ୟ ଜଣେ ଆଦର୍ଶ ବୋଲିମାନେ । ଆପଣ ମଧ୍ୟ ମାନନ୍ତି ବୋଲି ଜଣା ପଡୁଛି । ତେବେ ଆମ୍ବେଦକର ସାହେବଙ୍କର ଏହି ଆର୍ଯ୍ୟ ଆଗମନ ତତ୍ତ୍ୱ ଉପରେ କ'ଣ ମତ ଥିଲା ଟିକେ କହିବେ କି ?' ପ୍ରଶ୍ନ ଶୁଣିବାକ୍ଷଣି ସେ ତତ୍‌କ୍ଷଣାତ୍ ଗାଳିଗୁଲଜ ଆରମ୍ଭ କରିଦେଲେ । ଏବଂ ମୁଁ ସ୍ମିତହାସ୍ୟ ଦେଇ ଫୋନ ରଖିଲି । ତେବେ ଏହି ଆର୍ଯ୍ୟ ଶବ୍ଦର ଅର୍ଥ କ'ଣ ? ଆର୍ଯ୍ୟମାନେ କିଏ ? ଆର୍ଯ୍ୟ ଆଗମନ ତତ୍ତ୍ୱର ସତ୍ୟତା କେତେ ? ଆଜିକାଲି କିଛି ତଥାକଥିତ ବୁଦ୍ଧିଜୀବୀ ଆର୍ଯ୍ୟ ଅନାର୍ଯ୍ୟ ବା ଆର୍ଯ୍ୟ-ଦ୍ରାବିଡ଼ଙ୍କ ଉପରେ ଖୁବ୍ ଭାଷଣ ଦେଇଛନ୍ତି । କେତେକଙ୍କ ମତରେ ଚର୍ମର ରଙ୍ଗ ଗୋରା ଥିବା ବ୍ୟକ୍ତିମାନେ ଆର୍ଯ୍ୟ ଏବଂ କଳା ଥିବା ବ୍ୟକ୍ତିମାନେ ଅନାର୍ଯ୍ୟ । ଉତ୍ତର ଭାରତୀୟ ହେଲେ ଆର୍ଯ୍ୟ ଏବଂ ଦକ୍ଷିଣ ଭାରତୀୟ ହେଲେ ଅନାର୍ଯ୍ୟ ବା ଦ୍ରାବିଡ଼ । କେତେକଙ୍କ ମତରେ ବ୍ରାହ୍ମଣ ହେଲେ ଆର୍ଯ୍ୟ ଓ ଶୁଦ୍ର ହେଲେ ଅନାର୍ଯ୍ୟ । ନାକ ନଥିବା ବା ଚେପଟା ନାକ ଥିବା ଲୋକମାନେ ଆର୍ଯ୍ୟ ଓ ଉଚ୍ଚା ନାକ ଥିବା ବ୍ୟକ୍ତି ହେଲେ ଦ୍ରାବିଡ଼ । ମାତ୍ର ପ୍ରକୃତରେ ଦେଖିବାକୁ ଗଲେ ବ୍ରାହ୍ମଣ ମଧ୍ୟ କଳା ରଙ୍ଗର ଅଛନ୍ତି । ଶୁଦ୍ର ମଧ୍ୟ ଗୋରା ଅଛନ୍ତି । ଉତ୍ତର ଭାରତୀୟ ଓ ଦକ୍ଷିଣ ଭାରତୀୟ ଉଭୟଙ୍କର ଉଚ୍ଚା ନାକ ଓ ଚେପଟା ନାକ ରହିଛି । ଆମ୍ବେଦକର ଜୀଙ୍କର ମତ ଥିଲା ଭିନ୍ନ । ସେ କହୁଥିଲେ ଜାତି ଓ ବର୍ଣ୍ଣ ଦୁଇଟି ଭିନ୍ନ ଜିନିଷ । ଜାତିଗତ ବିଭେଦ ପ୍ରାୟତଃ ସାଂସ୍କୃତିକ, ବର୍ଣ୍ଣକୁ ନେଇ ନୁହେଁ ଜାତି କେବେବି ବର୍ଣ୍ଣ ହୋଇନପାରେ । ତାଙ୍କ ପୁସ୍ତକ 'ଦି ଅନ୍‌ଟଚେବୁଲ'ରେ ସେ ଲେଖିଛନ୍ତି 'ବ୍ରାହ୍ମଣ ଓ ଶୁଦ୍ର ସମସ୍ତେ ଗୋଟିଏ ବର୍ଣ୍ଣର । ଯଦି ବ୍ରାହ୍ମଣମାନେ ଆର୍ଯ୍ୟ ତେବେ ଶୁଦ୍ରମାନେ ମଧ୍ୟ ଆର୍ଯ୍ୟ । ଯଦି ବ୍ରାହ୍ମଣମାନେ ଦ୍ରାବିଡ଼ ତେବେ ଶୁଦ୍ରମାନେ ମୁଁ ଦ୍ରାବିଡ଼ । ଯଦି ବ୍ରାହ୍ମଣମାନେ ନାଗା ତେବେ ଶୁଦ୍ରମାନେ ମଧ୍ୟ ନାଗା ।' ଯଦି ଋକ୍ ବେଦକୁ ଅଧ୍ୟୟନ କରାଯାଏ, ତେବେ ଏଥିରେ ପ୍ରଥମରୁ ଶୁଦ୍ରଙ୍କ ବିଷୟରେ କୌଣସି ଉଲ୍ଲେଖନାହିଁ । ତେଣୁ ଆମ୍ବେଦକର ଶୁଦ୍ର ଜାତିକୁ କ୍ଷେତ୍ରିୟରୁ ଉତ୍ପତ୍ତି ବୋଲି କହିଛନ୍ତି । ଏହା ସହିତ ସେ ମଧ୍ୟ ମାକ୍ସମୁଲରଙ୍କ ନାସାଲ ଇଣ୍ଡେକ୍ସ ତତ୍ତ୍ୱକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି । ଋକ୍ ବେଦରେ ବର୍ଣ୍ଣିତ ଶବ୍ଦ ଅନାସକୁ ମାକ୍ସ ମୁଲର ନାକହୀନ ବା ଚେପଟା ନାକ ବୋଲି କହିଛନ୍ତି । ସେଇଥିରୁ ତାଙ୍କର ନାସାଲ ଇଣ୍ଡେକ୍ସ ତତ୍ତ୍ୱର ସୃଷ୍ଟି ତାଙ୍କର ମତରେ ଆର୍ଯ୍ୟମାନେ ଦସ୍ୟୁ ହିସାବରେ ଭାରତକୁ ଆଣିଥିଲେ । ସେମାନଙ୍କର ଚେପ୍‌ଟା ନାକ ଥିଲା ମୁଲର ଏହି ଆନାସା ଶବ୍ଦ ଆ-ନାସା ବୋଲି ବ୍ୟାଖ୍ୟା କରିଛନ୍ତି । ମାତ୍ର ଶୟନାଚାର୍ଯ୍ୟ ଏହି ଇଘଇଝଇ ଶବ୍ଦର ଅନ୍ୟ ଏକା ବ୍ୟାଖ୍ୟା କରିଛନ୍ତି । ସେ ଇଘଇଝଇ ଶବ୍ଦକୁ ଇଘ-ଇଝଇ ବୋଲି ବ୍ୟାଖ୍ୟା କରିଛନ୍ତି । ଅର୍ଥାତ୍ ମୁଖ୍ୟହୀନ ବା ଖରାପ କଥା କହୁଥିବା ବ୍ୟକ୍ତି । ଦେଖିବାକୁ ଗଲେ ଶୟନାଚାର୍ଯ୍ୟଙ୍କ ବ୍ୟାଖ୍ୟା ଅଧିକ ଉପଯୁକ୍ତ ମନେହୁଏ । ପ୍ରଥମତଃ ସେ ବ୍ୟାଖ୍ୟା କରିଥିବା ଶବ୍ଦର ଅର୍ଥ ମଧ୍ୟ ଠିକ୍ ଅଛି । ଦ୍ୱିତୀୟତଃ ଦସ୍ୟୁ ମାନଙ୍କର ନାକ ନଥିଲା ବୋଲି ଅନ୍ୟ କୌଣସି ସ୍ଥାନରେ ଲେଖା ହୋଇନାହିଁ । ତେଣୁ ଏହି ଇଘଇଝଇ ଶବ୍ଦଟି ବେଦରେ ବର୍ଣ୍ଣିତ ଅନ୍ୟ ଏକ ଶବ୍ଦ 'ଧୃଧ୍ରାବକ'ର ପ୍ରତିଶବ୍ଦ ପରି ମନେହୁଏ । ମୃଧ୍ରାବକର ଅର୍ଥ ଅଶୁଦ୍ଧ ଓ ଅଶ୍ଳୀଳ ଭାଷା କହୁଥିବା ବ୍ୟକ୍ତି । ପୁନଶ୍ଚ ବେଦରୁ ଏହା ପ୍ରତୀୟମାନ ହୁଏ ଯେ, 'ଆର୍ଯ୍ୟ' ଏକ ଜାତି ବାଚକ ବା ବର୍ଣ୍ଣ ବାଚକ ଶବ୍ଦ ନଥିଲା । ଏହା ଏକ ଗୁଣ ବାଚକ ଶବ୍ଦ ଥିଲା । ଆର୍ଯ୍ୟ ଅର୍ଥାତ୍ ଶ୍ରେଷ୍ଠ । ଯେଉଁମାନେ ନିଜସ୍ୱ ଜୀବିକାରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିଲେ, ସେମାନଙ୍କୁ 'ଆର୍ଯ୍ୟ' ସମ୍ବୋଧନ କରାଯାଉଥିଲା । ପୁନଶ୍ଚ ବିଭେଦ ସୃଷ୍ଟିକାରୀ ମାନଙ୍କ ମତରେ, ଆର୍ଯ୍ୟମାନେ ଦସ୍ୟୁ ହିସାବରେ ହିନ୍ଦୁକୁଶ ପର୍ବତମାଳା ଦେଇ ଭାରତ ବର୍ଷରେ ପ୍ରବେଶ କରିଥିଲେ । ଏବଂ ଏଠାର ମୂଳ ନିବାସୀ ଦ୍ରାବିଡ଼ ମାନଙ୍କୁ ଗଣହତ୍ୟା ଓ ଲୁଣ୍ଠନର ସାମ୍ନା କରିବାକୁ ପଡ଼ିଥିଲା । ମାତ୍ର ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ମାନଙ୍କ ମତରେ ଯେଉଁ ସବୁ ଆଦ୍ୟ ସଭ୍ୟତା ଅଞ୍ଚଳରେ ଭୂଖନନ କରାଯାଇଛି, କୌଣସି ସ୍ଥାନରେ ଗଣହତ୍ୟାର ପ୍ରମାଣ ମିଳିନାହିଁ । ଆର୍ଯ୍ୟଙ୍କ ଆଗମନ ଏକ କାଳ୍ପନିକ ତଥ୍ୟ । ଏଥର ଆସିବା ବିଜ୍ଞାନ ସମ୍ମତ ପ୍ରସଙ୍ଗକୁ । ଆମ ଦେଶର ହରିଆଣା ରାଜ୍ୟରେ ଥିବା 'ରାଖିଗାଡ଼ି' ସ୍ଥାନ ହରପ୍ପା ସଭ୍ୟତାର ଏକ ପ୍ରମୁଖ କେନ୍ଦ୍ର ଅଟେ । ୨୦୦୫ ମସିହାରୁ ଏହି ସ୍ଥାନରେ ପ୍ରାୟ ୩୦୦ ଏକର ଜମିରେ ଭୂଖନନ ଆରମ୍ଭ ହୋଇଥିଲା । ଏହି ଖନନ ପ୍ରକ୍ରିୟାରେ ପ୍ରାୟ ୫୦୦୦ ବର୍ଷ ପୂର୍ବର ଦୁଇଟି ନରକଙ୍କାଳ ମିଳିଥିଲା । ଏମାନଙ୍କର ଡି.ଏନ୍.ଏ. ପରୀକ୍ଷାରୁ ଜଣାପଡ଼ିଛି, ଆଫଗାନିସ୍ଥାନରୁ ଆଣ୍ଡାମାନ ପର୍ଯ୍ୟନ୍ତ ସମସ୍ତଙ୍କର ଜିନ ସମାନ ଅଟେ । ପ୍ରାୟ ୧୨ ହଜାର ବର୍ଷ ଧରି ଦକ୍ଷିଣ ଏସିଆର ଲୋକଙ୍କ ଜିନ୍‌ରେ କୌଣସି ପରିବର୍ତ୍ତନ ହୋଇନାହିଁ । ଅର୍ଥାତ୍ ସମସ୍ତେ ଭାରତୀୟଙ୍କର ପୂର୍ବଜ ଏକ ଓ ଖ୍ରୀଷ୍ଟପୂର୍ବ ୧୫୦୦ ମସିହାରେ ଆର୍ଯ୍ୟଙ୍କ ଆଗମନ ତତ୍ତ୍ୱର କୌଣସି ସତ୍ୟତା ନାହିଁ । ପୁନଶ୍ଚ ଯେତେବେଳେ ୧୯୮୯ ମସିହାରେ ବିଶ୍ୱ ମଜଦୁର ସଂଗଠନ ଦ୍ୱାରା ମିଳିତ ଜାତିସଂଘକୁ ମୂଳନିବାସୀ ଦିବସ ପାଳନ କରିବାକୁ ପ୍ରସ୍ତାବ ଦିଆଗଲା, ସେତେବେଳେ ୧୮୯ ଦେଶ ମଧ୍ୟରୁ ମାତ୍ର ୨୨ଟି ଦେଶ ଏଥିରେ ରାଜି ହୋଇଥିଲେ । ଭାରତ ଏଥିରେ ସାମିଲ ହୋଇନଥିଲା । ଭାରତ ସରକାର ଜଣାଇଥିଲେ ଯେ ଭାରତରେ ବସବାସ କରୁଥିବା ସମସ୍ତ ଭାରତୀୟ ଏଠାକାର ମୂଳ ନିବାସୀ । ଯେଉଁ ୨୨ଟି ଦେଶ ଏଥିରେ ରାଜି ହୋଇଥିଲେ, ସେମାନେ ସମସ୍ତେ ପ୍ରାୟ ପୂର୍ବରୁ ଉପନିବେଶବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ । ତେଣୁ ଏହି ମୂଳ ନିବାସୀ ଦିବସର ପ୍ରସ୍ତାବ ଯେ ଏକ ଷଡ଼ଯନ୍ତ୍ର ଥିଲା, ତାହା କହିଲେ ଭୁଲ ହେବନାହିଁ । ଉପରୋକ୍ତ ତଥ୍ୟ ମାନଙ୍କୁ ଏହା ପ୍ରତୀୟମାନ ହୁଏ ଯେ, ଆର୍ଯ୍ୟଙ୍କ ଆଗମନ ତତ୍ତ୍ୱ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ । ଏହା ବ୍ରିଟିଶ ମାନଙ୍କର ଉଓଠଓଉର ଇଘଉ ଜଟଖର ଚଙଖଓଉଣର ଏକ ଅଂଶ ବିଶେଷ । ବ୍ରିଟିଶମାନେ ତ ଗଲେଣି, ମାତ୍ର କିଛି ବ୍ୟକ୍ତି ଏହି ଚିନ୍ତାରଧାରାକୁ ନେଇ ସମାଜରେ ବିଷ ମଞ୍ଜି ବୁଣି ଚାଲିଛନ୍ତି । ଉତ୍ତର ଭାରତୀୟ ଓ ଦକ୍ଷିଣ ଭାରତୀୟଙ୍କ ମଧ୍ୟରେ ବିବାଦ ସୃଷ୍ଟି କରାଯାଇଛି । ଏପରି ଚିନ୍ତାଧାରାରେ ବିଶ୍ୱାସ କରୁଥିବା ବ୍ୟକ୍ତି ଦେଶର ଏକତା ଓ ଅଖଣ୍ଡତା ପ୍ରତି ଏକ ଆହ୍ୱାନ । ଏସବୁର ଖୁବ୍ ଶୀଘ୍ର ପୂର୍ଣ୍ଣଛେଦ ପଡ଼ିବା ଆବଶ୍ୟକ । କାରଣ ଯିଏ ଆର୍ଯ୍ୟ ସିଏ ହିଁ ଦ୍ରାବିଡ଼ ।

ପାଣିକୋଇଲି, ଯାଜପୁର
ଦୂରଭାଷ : ୯୪୩୯୪୮୨୫୨୬

# ଶାସ୍ତ୍ରୀଙ୍କ ମୃତ୍ୟୁ ରହସ୍ୟ ଖୋଲିବା ଆବଶ୍ୟକ

ସୌରଭ ପତି

ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୂର ଶାସ୍ତ୍ରୀ ନାମରେ ନୁହଁ କାମରେ ମଧ୍ୟ ତାଙ୍କର ବାହାଦୂରି ଦେଖାଇଥିଲେ, ଯେତେବେଳେ ୧୯୬୫ ମସିହାରେ ପାକିସ୍ତାନ ଭାରତକୁ ଆକ୍ରମଣ କରିଥିଲେ ଶାରିରୀକ ଉଚ୍ଚତାରେ କମ୍ କିନ୍ତୁ ସାହାସର ଉତ୍ତୁଙ୍ଗତାର ଶ୍ରେଷ୍ଠ ତାହାର ପ୍ରମାଣ ଦେଇଥିଲେ । ରହସ୍ୟମୟ ଭାବେ ତାଙ୍କର ମୃତ୍ୟୁ ତତ୍‌କାଳିନ ସୋଭିଏତ ସଙ୍ଘର ତାସକେଣ୍ଟ ଠାରେ ହୋଇଥିଲା ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ମୃତ୍ୟୁର କାରଣ ଉପରୁ ପରଦା ଉଠିପାରି ନାହିଁ । ଅତ୍ୟନ୍ତ ସନ୍ଦେହାସ୍ପଦ ସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ତାଙ୍କର ମୃତ୍ୟୁ ସମ୍ପର୍କରେ ସୂଚନା ଅଧିକାର କର୍ମୀ ଅନୁଜ ଧର ଅନେକ ତଥ୍ୟ ହାସଲ କରିଛନ୍ତି । ସେହି ତଥ୍ୟ ମଧ୍ୟ ଶାସ୍ତ୍ରୀଜୀଙ୍କ ମୃତ୍ୟୁ ପ୍ରାକୃତିକ ନଥିଲା ଓ ଏହା ଭିତରେ ଅନେକ ରହସ୍ୟ ଥିବା ଭଳି ସ୍ପଷ୍ଟ ହୋଇଛି ।

୧୯୬୫ ମସିହାରେ ପାକିସ୍ତାନ ସହ ଯୁଦ୍ଧ ବେଳେ ଭାରତୀୟ ସେନା ପାକିସ୍ତାନର ଲାହୋର ପର୍ଯ୍ୟନ୍ତ ପହଂଚି ଯାଇଥିଲେ, ପାକିସ୍ତାନ ହାର ମାନିବାରୁ ଯୁଦ୍ଧ ବନ୍ଦ ହେଲା । ସୋଭିଏତ୍ ରୁଷର ମଧ୍ୟସ୍ତତାରେ ତାସକେଣ୍ଟ ଠାରେ ୧୯୬୬ ଜାନୁଆରୀ ୧୦ ରେ ଦୁଇ ଦେଶର ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ କଲେ । ମାତ୍ର ଶାସ୍ତ୍ରୀଜୀ ଏହି ଚୁକ୍ତିକୁ ନେଇ ଚିନ୍ତାଗ୍ରସ୍ତ ଥାନ୍ତି, ଦେଶର ଲୋକଙ୍କର ମତାମତ କ'ଣ ରହିବ ତାହା ଥିଲା ଚିନ୍ତାର କାରଣ । ଯାହାବି ହେଉ ଚୁକ୍ତି ପରେ ଭୋଜିର ଆୟୋଜନ ଥିଲା । ଭୋଜି ସରିବା ପରେ ଶାସ୍ତ୍ରୀଜୀ ତାଙ୍କ ଘରକୁ ଫୋନ୍ କଲେ ଝିଅକୁ ଚୁକ୍ତି କେମିତି ଲାଗିଲା ବୋଲି ପଚାରିଲେ, କିନ୍ତୁ ଝିଅର ଉତ୍ତର ନିରାଶ କଲା ତେଣୁ ତାଙ୍କତ ଚିନ୍ତା ଅଧିକ ବଢିଲା ତେଣୁ କାଲିର ସମ୍ବାଦ ପତ୍ର କାବୁଲ ପଠେଇବାକୁ କହିଲେ କାରଣ ୧୧ ତାରିଖ ଦିନ ତାଙ୍କର କାବୁଲ ଯିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଶାସ୍ତ୍ରୀଜୀ ରାତିରେ ନିଜ କକ୍ଷରେ ଏପଟ ସେପଟ ହେଉଥିଲେ, ତାଙ୍କ ବ୍ୟକ୍ତିଗତ ରୋଷେୟା ରାମନାଥ ବଦଳରେ ସୋଭିୟତ ରୁଷର ରାଜଦୂତ ଟି. ଏନ୍. କୋଲ୍‌ଙ୍କ ରୋଷେୟା ଜାନ୍ ମହମ୍ମଦ ପାଳଙ୍ଗ ଶାଗ ତରକାରୀ ଏବଂ କ୍ଷୀର ଦେଲା । ଶାସ୍ତ୍ରୀଜୀଙ୍କ ସାଙ୍ଗରେ ଥିବା ତାଙ୍କ ବ୍ୟକ୍ତିଗତ ସୂଚନା ଅଧିକାରୀ କୂଳଦୀପ୍ ନାୟର ତାଙ୍କ ପୁସ୍ତକରେ 'ବିୟଣ୍ଡ ଦ ଲାଇନ୍ସ' ରେ ଲେଖିଛନ୍ତି ସମୟ ପ୍ରାୟ ୧:୨୫ ହେବ ସେ ରାତିରେ ଶୋଇଥିବା ବେଳେ ଜଣେ ଋଷିଆନ ମହିଳା କବାଟ ବାଡେଇଲେ ଏବଂ ଶାସ୍ତ୍ରୀଜୀ ଗୁରୁତର ବୋଲି କହିଲେ, ମୁଁ ଯାଇ ପହଂଚିବାରୁ



ଦେଖିଲି ଋଷିଆର ରାଷ୍ଟ୍ରପତି ଏଲେକ୍ସୀ ପହଂଚିସାରିଛନ୍ତି ଆଉ ମୋତେ ଇସାରା ଦେଲେ ଶାସ୍ତ୍ରୀଜୀ ଆଉ ଏ ଦୁନିଆରେ ନାହାନ୍ତି କିନ୍ତୁ ତାଙ୍କ ଚପଲ ସଠିକ୍ ଜାଗାରେ ରହିଛି କିନ୍ତୁ ଟେବୁଲ ଉପରେ ଥିବା ଥର୍ମୋଫ୍ଲାକ୍ସ ଟି ପଡିଯାଇଛି ଯେମିତି ଖୋଲିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ଖୋଲିପାରିନାହାନ୍ତି, ଶାସ୍ତ୍ରୀଜୀ ଚୁକ୍ତିକୁ ନେଇ ଅସହଜ ଥିଲେ କିନ୍ତୁ ଚିନ୍ତା କରିବାର ବିଷୟ ଭାରତର ପ୍ରଧାନମନ୍ତ୍ରୀ ଅନ୍ୟ ଦେଶକୁ ଯାଇଛନ୍ତି ତାଙ୍କର ଯେଉଁଠି ରହିବା ପାଇଁ ବ୍ୟବସ୍ଥା ହେଇଛି ସେହି କୋଠରୀରେ ଟେଲିଫୋନ କିମ୍ବା ଘଣ୍ଟି ଦ୍ୱାରା ଯୋଗାଯୋଗ କରିବାର ବ୍ୟବସ୍ଥା ନଥିଲା, ଶାସ୍ତ୍ରୀଜୀଙ୍କ ପାର୍ଥୀବ ଶରୀର ଜାନୁଆରୀ ୧୧ ତାରିଖ ଭାରତ ଆସିଲା କିନ୍ତୁ ତାଙ୍କ ପତ୍ନୀ ଲଳିତା ଶାସ୍ତ୍ରୀ ଏବଂ ପରିବାର ଲୋକଙ୍କୁ ପାର୍ଥୀବ ଶରୀର ପାଖରେ ବେଶି ସମୟ ରହିବା ପାଇଁ ଦିଆଯାଇନଥିଲା, ଲଳିତା ଶାସ୍ତ୍ରୀ ପାର୍ଥୀବ ଶରୀର ନୀଳ ପଡିଥିବା ଦେଖି ପଚାରିଲେ, ନୀଳ କ'ଣ ପାଇଁ ପଡିରହିଛି ଆଉ ଶବ ବ୍ୟବଚ୍ଛେଦ ପାଇଁ ଅଡିବସିଲେ କିନ୍ତୁ ସରକାର ଯେମିତି ଅଘୋଷିତ ଭାବରେ କିଛି ତଥ୍ୟକୁ ଚପାଇ ଦେବା ଚାହୁଁଥିଲା, ଏହି ସମୟରେ ଜଣେ ବ୍ୟକ୍ତି ଶାସ୍ତ୍ରୀଜୀଙ୍କ ମୁହଁ ରେ ଚନ୍ଦନ ପ୍ରଲେପ ଲଗାଇ ଦେଇଥିଲେ, କିନ୍ତୁ ଶାସ୍ତ୍ରୀଜୀଙ୍କ ମୃତ୍ୟୁ ହୃଦଘାତ୍ ଯୋଗୁ ନୁହେଁ ବୋଲି ପରିବାର ଲୋକ କହୁଥିଲେ କିନ୍ତୁ ସରକାର ସରକାର ତାହା ମନା କରୁଥିଲେ ଆଉ ବାରମ୍ବାର ହୃଦଘାତ ଜନିତ ମୃତ୍ୟୁ ବୋଲି ବୁଝେଇଦେବାରେ ଲାଗିଥିଲେ । ୨ ଅକ୍ଟୋବର ୧୯୭୦ ଶାସ୍ତ୍ରୀଜୀଙ୍କ ଜନ୍ମ ଜୟନ୍ତୀରେ ଜାଂଚ ପାଇଁ ପୁଣି ଲଳିତା ଶାସ୍ତ୍ରୀ ଦାବି ରଖିଲେ ସରକାର ମଧ୍ୟ ମାନିନେଲେ, ଏକ ଜାଂଚ କମିଟି ମଧ୍ୟ ଗଠନ କରାଗଲା କିନ୍ତୁ ଜାଂଚ ଆଦେଶର କିଛିଦିନ ମଧ୍ୟରେ ଶାସ୍ତ୍ରୀଜୀଙ୍କ ବ୍ୟକ୍ତିଗତ ସଚିବ ଆର୍. ଏନ୍. ସିଂ ଏବଂ ବ୍ୟକ୍ତିଗତ ସହାୟକ ରାମନାଥଙ୍କର ଦୁଇଟି ଅଲଗା ଦୁର୍ଘଟଣାରେ ମୃତ୍ୟୁ ହୋଇଗଲା । ଆଉ ଏହି ଦୁଇ ଜଣ ହିଁ ଶାସ୍ତ୍ରୀଜୀ ଙ୍କ ସାଙ୍ଗରେ ତାସକେଣ୍ଟ ଜାଇଥିଲେ, ଦୁଇଜଣଙ୍କ ମୃତ୍ୟୁ ପରେ ଶାସ୍ତ୍ରୀଜୀ ଜାଂଚ କେସ୍ ବହୁତ ଦୁର୍ବଳ ହୋଇଗଲା । ତେଣୁ ସରକାର ମଧ୍ୟ ଆଉ ଧ୍ୟାନଦେଲେନି, ଶାସ୍ତ୍ରୀଜୀ ଙ୍କ ଶବ ବ୍ୟବଚ୍ଛେଦ କରାଯାଇନଥିବା ହେତୁ ମୃତ୍ୟୁର ଅସଲି କାରଣ ୫୩ ବର୍ଷ ପରେ ଆଜିବି ରହସ୍ୟ ଉପରୁ ପରଦା ହଟେଇ ପାରିନାହିଁ । ତାଙ୍କର ମୃତ୍ୟୁ କୌଣସି ବାହାର ଦେଶର ଗୁଇନ୍ଦା ସଂସ୍ଥାଙ୍କ ହାତ ରହିଛି ବା ଆଉ କାହାର ହାତ ରହିଛି ତାହା ଜଣା ଜଣାପଡିବା ଦରକାର । ମୃତ୍ୟୁ ପରେ ଶବ ବୟବଚ୍ଛେଦ ନହେବା, ଶରୀର ନୀଳ ପଡିବା, ଅଳ୍ପ ସମୟ ମଧ୍ୟରେ ଶରୀର ଅଧିକ ମାତ୍ରାରେ ଫୁଲିବା, ପେଟ ଆଉ ବେକ ପଛପଟେ ଚିରା ଦାଗ ରହିବା ତାଙ୍କ ମୃତ୍ୟୁକୁ ସାମାନ୍ୟ ନୁହେଁ ଅସାମାନ୍ୟ ଦିଗକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ସିଏ ଯାହାବି ହୋଇଥାଉ ଜଣେ ସାମାନ୍ୟ ପରିବାର ରୁ ଦେଶର ଶୀର୍ଷ ନେତା ପର୍ଯ୍ୟନ୍ତ ଯାତ୍ରା କରିଥିବା ସ୍ୱତନ୍ତ୍ର ସେନାନୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁର ରହସ୍ୟ ଋଷର ଅନୁସନ୍ଧାନକାରୀ ସଂସ୍ଥାର ତଥ୍ୟ କୁ ଆଣି ଭାରତ ସରକାରଙ୍କ ପାଖରେ ଥିବା ଗୁପ୍ତତଥ୍ୟକୁ ସାର୍ବଜନୀନ କରିଲେ ଜଣେ ମହାନ ନେତାଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ହୋଇପାରିବ ।

ଭଦ୍ରକ
ଦୂରଭାଷ: ୭୯୯୨୭୨୮୭୪୮

**ଜ୍ଞାନ ଯୋଗ ବ୍ୟବସ୍ଥିତ**

**ପୂର୍ବ ପ୍ରକାଶ ଉତ୍ତାରୁ...**

ଆଜିର ଅଧ୍ୟାୟରେ ଜ୍ଞାନଯୋଗ୍ୟ ବ୍ୟବସ୍ଥିତର ଆମେ ପଠନ କରୁଛେ । ଜ୍ଞାନ ଅର୍ଥାତ ଏଠାରେ ଆତ୍ମଜ୍ଞାନର ଅନୁଭୂତି ତଥା ସର୍ବତ୍ର ଈଶ୍ୱର ସାନିଧ୍ୟର ଅନୁଭୂତିକୁ କୁହାଯାଇଛି । ଯୋଗ ଅର୍ଥାତ୍ ଈଶ୍ୱରଙ୍କର ସର୍ବରୂପରେ ନିଜକୁ ଏକାକାର କରିବା । ଅନେକ ଗ୍ରନ୍ଥର ଅଧ୍ୟୟନ ପରେ ମଧ୍ୟ ଆମେ ଜୀବନରେ ଯେମିତିକୁ ସେମିତି ରହିଯାଇଛୁ । କାରଣ କେବଳ ଆଚରଣର ଅଭାବ । ଅନେକ ଗୁଡିଏ ସିଦ୍ଧାନ୍ତ ପଢ଼ିବା ଅପେକ୍ଷା ଅଳ୍ପ କିଛି ପଢ଼ି ଯଦି ଆଚରଣରେ କରିପାରିବା ତେବେ ବହୁତ ଭଲ ହୋଇପାରିବ । ଏଥିପାଇଁ ସତତ ଜାଗୃତିର ଆବଶ୍ୟକତା ରହିଛି । ଅର୍ଥାତ୍ ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ତିନି ଅବସ୍ଥାରେ ଜାଗୃତି ଦରକାର । ଅନେକ ସ୍ଥାନରେ ରାସ୍ତାର ମୋଡ ମାନଙ୍କରେ ଲେଖାଥାଏ 'ନଜର ହଟିବ ତ ଦୁର୍ଘଟଣା ଘଟିବ' । ଜୀବନରେ ମଧ୍ୟ ସେଭଳି ଜାଗୃତିର ଆବଶ୍ୟକତା ରହିଛି । ଯେତେବେଳେ ଆମେ ସମ୍ପୂର୍ଣ୍ଣ ଜାଗୃତ ହୋଇଯିବା ସେତେବେଳେ ଆମେ ଠିକ୍ ଭାବେ ବ୍ୟବସ୍ଥିତ ହୋଇପାରିବା, ତଥା ଜ୍ଞାନ+ଯୋଗ+ବ୍ୟବସ୍ଥିତ ତିନୋଟି ଆମ ଜୀବନରେ ପ୍ରତିଫଳିତ ହୋଇପାରିବ । ଭଗବତ ଗୀତାର କ୍ଷେତ୍ର କ୍ଷେତ୍ରଜ୍ଞ ଯୋଗ ବିଭାଗର ୭ଠାରୁ ୧୧ ଶ୍ଳୋକ, ୨ୟ ଅଧ୍ୟାୟର ସ୍ଥିତପ୍ରଜ୍ଞରୁ ଲକ୍ଷଣ, ୧୨ ଅଧ୍ୟାୟରେ ଭକ୍ତର ଲକ୍ଷଣ, ୧୩ ଅଧ୍ୟାୟରେ ଜ୍ଞାନୀର ଲକ୍ଷଣ, ୧୬ ଅଧ୍ୟାୟରୁ ଦୈବୀସମ୍ପଦା ବିଭାଗରେ ଦୈବୀ ଗୁଣର ବର୍ଣ୍ଣନାକୁ 'ଗୀତା ବବନୀତମ୍ ଭାବେ ଗ୍ରହଣ କରି ଜ୍ଞାନ ଯୋଗ ବ୍ୟବସ୍ଥିତରେ ଆସୁଥିବା ବାଧା ସୁଦର ନିରାକରଣ କରିପାରିବା । ଏହା ସମଗ୍ର ଜୀବନ ପାଇଁ ଆଦର୍ଶର ସାର ଅଟେ । ତେଣୁ ନିଜ ଜୀବନକୁ ଆଦର୍ଶମୟ କରିବା ପାଇଁ ଏବଂ ଜ୍ଞାନ ଯୋଗ ବ୍ୟବସ୍ଥିତରେ ରହିବା ପାଇଁ ଭଗବାନ ଶ୍ରୀକୃଷ୍ଣ କିଛି ଉପାୟ କହିଛନ୍ତି - ୧) ମୁଁ କିଛି ଅଟେ ଏହି ଅହଂକାର ନିଜ ଭିତରେ ନ ରଖିବା । ୨) ଦମ୍ଭୀ ଅର୍ଥାତ୍ ଉପରେ କିଛି ଦେଖାଉଥିବା ଅନ୍ତରରେ ଅନ୍ୟ କିଛି ହୋଇଥିବା ଉଚିତ୍ ନୁହେଁ । ୩) ଅହିଂସାର ପାଳନ କରିବା । ୪) କ୍ଷମାଶୀଳ ହେବା । ୫) ଢ଼ଢ଼ ଥଥା ବାଣୀରେ ସରଳତା । ୬) ଶ୍ରଦ୍ଧା, ଭକ୍ତି ସହିତ ଗୁରୁବାକ୍ୟ ପାଳନ କରିବା । ୭) ବାହାର, ଅନ୍ତରର ଶୁଦ୍ଧି




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଳୀ ଦାଶ

ପାଇଁ ସର୍ବଦା ଚେଷ୍ଟା କରିବା । ୮) ଅନ୍ତକରଣର ସ୍ଥିରତା । ୯) ମନ, ଇନ୍ଦ୍ରିୟ ସଂହିତା, ଶରୀର ଉପରେ ନିୟନ୍ତ୍ରଣ । ୧୦) ଭୋଗ ବସ୍ତୁରେ ତ୍ୟାଗର ଭାବନା । ୧୧) ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ଇତ୍ୟାଦି ଦୁଃଖ ଦୋଷକୁ ବାରମ୍ବାର ଚିନ୍ତନ । ୧୨) ବିନମ୍ରତା । ୧୩) ମମତ୍ୱର ଅଭାବ । ୧୪) ପ୍ରୀୟ, ଅପ୍ରୀୟ ପରିସ୍ଥିତିରେ ଚିତ୍ତକୁ ସନ୍ତୁଳିତ ରଖିବା । ୧୫) ଆଧ୍ୟାତ୍ମିକ ଜ୍ଞାନ ପାଇଁ ରୁଚି ତଥା ଆଧ୍ୟାତ୍ମିକ ଜ୍ଞାନରେ ନିଜକୁ ସ୍ଥିତ ରଖିବା । ୧୬) ସର୍ବତ୍ର ପରମାତ୍ମାଙ୍କ ଦର୍ଶନ କରିବା । ୧୭) ସମ୍ପୂର୍ଣ୍ଣ ଶରଣାଗତି । ୧୮) ଏକାନ୍ତରେ ରହିବା ପାଇଁ ଅଭ୍ୟାସ କରିବା ।

ମାର୍କଣ୍ଡେୟ ପୁରାଣରେ ଦୁର୍ଗାସପ୍ତସତୀ ରହିଛି । ସେଥିରେ ନିଶୁମ୍ଭ 'ଜଗଦମ୍ବା ମା'ଙ୍କୁ ପଚାରିଛି- ଆପଣ କହିଲେ ଯିଏ ମୋତେ ଯୁଦ୍ଧରେ ପରାଜିତ କରିବ, ମୁଁ ତାକୁ ବିବାହ କରିବି । ଏ କ'ଣ ଆପଣଙ୍କର ଅହଂକାର ନୁହେଁ କି ? ଦେବୀ ଉତ୍ତର ଦେଇଛନ୍ତି, ଆରେ ଦୁଷ୍ଟ ! ଏ ସଂସାରରେ ମୋ ଛଡା ଦ୍ୱିତୀୟ ହିଁ କିଛି ନାହିଁ । ସମଗ୍ର ବ୍ରହ୍ମାଣ୍ଡ ମୋ ଠାରୁ ହିଁ ଉତ୍ପତ୍ତି । ଯାହା ସବୁ ସ୍ଥୁଳ, ସୂକ୍ଷ୍ମ ଭାବେ ରହିଛି, ସବୁଥିରେ ମୁଁ ହିଁ ରହିଛି । ଏ ସବୁ ମୋର ବିଭୂତି ଅଟେ । ତେଣୁ ଜ୍ଞାନ ଯୋଗ ବ୍ୟବସ୍ଥିତର ଅର୍ଥ ପରମାତ୍ମାଙ୍କ ମୂଳ ସ୍ୱରୂପଙ୍କୁ ଜାଣିବା । ଏଭଳି ଜ୍ଞାନ ଭଗଗୀତାରେ ଅର୍ଜୁନଙ୍କୁ ହୋଇଥିବାର ମଧ୍ୟ ଆମେ ପଠନ କରିଛେ । ଏହାକୁ ଜାଣିବା ପରେ ବା ବୁଝିବା ପରେ କୌଣସି ଭ୍ରାନ୍ତି ମନରେ ରହିନଥାଏ । ଏ ଯେଉଁ ବୁଝିବାର ସ୍ଥିତି ତାକୁ ହିଁ ଜ୍ଞାନ ଯୋଗ ବ୍ୟବସ୍ଥିତ କରିପାରିବା । ଆମେରିକା ଯିବା କିଛି ଭୁଲ ନୁହେଁ କି ପିଜା ଓ କୋକାକୋଲାର ସ୍ୱାଦ ଚାଖିବା ଭୁଲନୁହେଁ, ମାତ୍ର ଓଡ଼ିଆ ଘରର ଖାଦ୍ୟକୁ ଭୁଲିଯିବା ଭୁଲ ଅଟେ । ଠିକ୍ ସେଭଳି ସଂସାରରେ ରହିବା, ଅନନ୍ଦ ନେବା ଭୁଲ ନୁହେଁ କିନ୍ତୁ ନିଜ ମୂଳ ସ୍ୱରୂପର ଜ୍ଞାନକୁ ସ୍ମରଣ କରିବା ଉଚିତ୍ ।

ଉପନିଷଦରେ ଶରୀରର କଳ୍ପନା ଏକ ବୃକ୍ଷ ସହିତ କରାଯାଇଛି । ଏହି ବୃକ୍ଷ ଉପରେ ୨ଟି ପକ୍ଷୀ ବସିଛନ୍ତି । ଏକ ପକ୍ଷୀ ଗୋଟିଏ ଡାଳରୁ ଅନ୍ୟ ଡାଳକୁ କୁଦାକୁଦି କରୁଥାଏ ଏବଂ ମିଠା, କଷା, ପିତା ଫଳ ଖାଉଥାଏ । ପିତା ଫଳର ସ୍ୱାଦରେ ଦୁଃଖି ହେଉଥାଏ ତ ମିଠା ଫଳରେ ଆନନ୍ଦ ହେଉଥାଏ । ଅନ୍ୟ ପକ୍ଷୀ ଶାନ୍ତି ଭାବରେ ବସି ଆର ପକ୍ଷୀର ସୁଖ, ଦୁଃଖ ଓ ନିଜ ଚାରିପାଖ ସଂସାରର ମୂଳ ନିରୀକ୍ଷଣ କରୁଥାଏ । ତା'ର ନା କିଛି ଦୁଃଖ ନା କିଛି ସୁଖ, ନା ଆନନ୍ଦ ନା ଶୋକ କୌଣସି ବନ୍ଧନ ନଥାଏ । ଏହି ଦ୍ୱିତୀୟ ପକ୍ଷୀର ହେଉଛି ଆମ ଭିତରେ ଇଥିବା ଈଶ୍ୱର ତତ୍ତ୍ୱ ଅଟେ ।

(କ୍ରମଶଃ)

# ମୋହାତିଶୟ



**ଆର୍ତ୍ତବନ୍ଧୁ ଦାସ**



ମୋହ ମାୟା ଭରା ସଂସାରରେ ସ୍ୱାର୍ଥୀ ମଣିଷର ଶ୍ରେଷ୍ଠ ସମ୍ବଳ କୁଳନନ୍ଦନ ବଂଶରକ୍ଷାକାରୀ କୁମର ନିତ୍ୟାନ୍ତ ଦରକାର। ପୁଅ ନଥିଲେ ଅପୁତ୍ରିକ ଦମ୍ପତ୍ତି ସମାଜରେ ହେୟ, ହୋଇ କେତେ ଯେ ଅକଥା କଥା ଶୁଣିବାକୁ ମିଳେ ବରଂ ଝିଅ ନଥିଲେ ଏତେଟା ଅଶୁଭ ଶୂଚକ ଶବ୍ଦ ବାଣ ଆସି ପଡ଼େ ନାହିଁ। ଯେତେଟା ସାହି ପଡ଼େଶୀ ଜ୍ଞାତି କୁଟୁମ୍ବ ବନ୍ଧୁବର୍ଗଙ୍କଠୁଁ ପୁଅ ନଥିବା ବାପା ମା ମାନେ ଶୁଣନ୍ତି। ପୁଅ କୁଳ ଉଦ୍ଧାରକାରୀ ବଂଶ ରକ୍ଷାକାରୀ ପିଣ୍ଡ ତର୍ପଣ ଦେଇ ପିତୃ ପୁରୁଷଙ୍କୁ ପୁତ୍ ନର୍କରୁ ଉଦ୍ଧାରକାରୀ ହେତୁ ବାଲ୍ୟାବସ୍ଥାଠାରୁ ଏମିତି ଅନ୍ଧଭାବେ ପ୍ରେମ-ସ୍ନେହ ଶ୍ରଦ୍ଧାରେ ପାଳନ୍ତି ଯେ, ସେ ମାୟା ବନ୍ଧନରେ ବେଳେବେଳେ ଅମଣିଷ ହେବାର ବହୁ ନଜିର ଏ ସମାଜରେ ମିଳେ। ଶିକ୍ଷିତ ହୁଅନ୍ତୁ କି, ଅଶିକ୍ଷିତ ପ୍ରତ୍ୟେକ ବ୍ୟକ୍ତି ପୁତ୍ର ସ୍ନେହରେ ପାଗଳପରାୟ - କୌଣସି କିଛିକୁ ଦୃଷ୍ଟି ନ ନେଇ ବିଚାରକୁ ନିଅନ୍ତି ନାହିଁ। ପୁଅ ବେମାରରେ ପଡ଼ିଲେ ସ୍ୱୟଂ ଡ଼ାକ୍ତର ବାପ ମାଆ ତାର ଚିକିତ୍ସା ନିଜେ ନ କରି ଅନ୍ୟଙ୍କ ଦ୍ୱାରା କରାଇଥାନ୍ତି କାହିଁକି ନା ପୁଅର ବ୍ୟାଧି କ୍ଲେଶଠାରୁ ତାର କାନ୍ଦିବା ସେମାନଙ୍କୁ ଅଧିକ ଅସହ୍ୟ ଦୁଃଖ ଦିଏ। ସାଧାରଣତଃ କି ଧନୀ କି ଗରିବ ବାପା ମା ମାନେ ନିଜ ପୁଅକୁ ଏମିତି ସ୍ନେହ ଆଦର ଗେଲବସର କରନ୍ତି ଯେ, ସେତେବେଳେ ପୁଅର ଯାବତୀୟ ଅକ୍ଷମଣୀୟ ଅପରାଧ ଆଖିକୁ ଦେଖାଯାଏ ନାହିଁ। ଝିଅ ଅପେକ୍ଷା ପୁଅର ମହା ସାଂଘାତିକ ଦୋଷ ତୃଟିକୁ ହୃଦୟଙ୍ଗମ କଲେ ବି, ନଗଣ୍ୟ ଗୌଣ ମନେ କରିଥାଆନ୍ତି। ଫଳତଃ ପୁଅ ଆସ୍ତେ ଆସ୍ତେ ପଥ ହୁଡ଼ି ଅବାଟକୁ ଆପଣେଇବାରେ ଏମିତି ମସ୍ତ ସବାର ହୁଏ କି ସେ ଆଉ ଚାହିଁଲେ ବି, ଫେରି ପାରେନା। ପୁଅର ଯାବତୀୟ କୁ-କାର୍ଯ୍ୟ ସ୍ନେହ ମାୟାନ୍ଧ, ପିତାମାତା ଦେଖିଲେନି, କୌଣସି ଶ୍ରଦ୍ଧା ମାୟା ମମତା ପ୍ରେମ ମାତ୍ରାଧିକ ହେବାରୁ ଗେଲବସର ପୁଅ ଅଜ୍ଞାନବଶତଃ ନ୍ୟାୟ ଅନ୍ୟାୟ ଭୁଲ୍ ଠିକ୍ ବୁଝିପାରେନା। ନବୁଝି ମନସ୍ଥ କ୍ରିୟାକଳାପ କାର୍ଯ୍ୟକାରୀ କରିବା ପାଇଁ କିଛି ବି କରିବାକୁ ପଛାଏ ନାହିଁ, ଆଉ ବାପା ମାଆ ପୁତ୍ର ପ୍ରେମରେ ଅନ୍ଧ ହୋଇଯାଆନ୍ତି ଯେମିତି, ମହାଭାରତ ଯୁଗରେ ମହାମାନୀ ଦୁର୍ଯ୍ୟୋଧନ ଅବସ୍ଥା ଅନ୍ୟାୟ ଅନୀତି କୁକର୍ମ ପ୍ରଥମେ ପ୍ରଥମେ ଅଳ୍ପ ଅଳ୍ପ ହେଉ ହେଉ ତାର କାୟା ବିସ୍ତାର କରି ଚାଲେ। ରୋକ୍ ଲଗାଇବ ଅବା କିଏ? ବାପା ମାଆ ତ ପୁତ୍ର ପ୍ରେମରେ ଅନ୍ଧ। ପୁଅ -ବି ଆଗପଛ ବିଚାର କରେନା, କି ଚୌ ଦିଗକୁ ବି ଚାହେଁନା।

ରାଏପୁର ଗାଆଁର ଘଟଣା ଉମା ବହ୍ଲଭ ଖୁବ୍ ଆମାୟିକ ସ୍ୱଚ୍ଛ, ମୃଦୁଭାଷୀ - ନିଜ ସୁଖେ ସୁଖୀ - ନିଜ ଦୁଃଖେ ଦୁଃଖୀ, ନିମ୍ନ ବିତ୍ତୀୟ ଶ୍ରେଣୀର ଲୋକ। ଆର୍ଥୀକ ସ୍ୱଚ୍ଛଳନ ହେଉ ବରଂ କିନ୍ତୁ ଯେତେବେଳେ ଯିଏ ତାକୁ ଯାହାବି ସାହାଯ୍ୟ ମାଗେ, ସେ ନିଜର ପାରୁ ପର୍ଯ୍ୟନ୍ତ କାୟା ମନବାକ୍ୟରେ ସାହାଯ୍ୟ କରିବାକୁ ପଛାଇ ନଥାଏ। ପୁଅ ହୃଦୟ ବହ୍ଲଭକୁ ଯେତେବେଳେ ୧୩/୧୪ ବର୍ଷ ବୟସ, ତାର ମାଆ ସେତେବେଳେ ଆରପାରିକୁ ବାଟ କାଟିଲା। ତାଙ୍କର ଝିଅ ନଥିଲା - ଏକୋଇର ବଳ ବିଶିକେଷନରେ ମୁହଁକୁ ଚାହିଁ ଦ୍ୱିତୀୟ ଦାରା ଗ୍ରହଣ ନକରି, ହୃଦୟ ବହ୍ଲଭର ମାଆ ବାପା ହୋଇ ଅତି ଯତ୍ନରେ ପାଳିନାଳି ପାଠ ପଢ଼ାଇ ବଡ଼ ମଣିଷ କରିବାର ସଂକଳ୍ପ ନେଲା। ବାପା ପୁଅ ଦୁଇଜଣ। ଘରକାମ ସାରି ପେଟପାଟଣା ପାଇଁ ରୋଜଗାର କରିବାକୁ ବାହାରକୁ ଗଲେ ମଧ୍ୟ କେବେବି, ପୁଅକୁ କୌଣସି କିଛି କରାଇ ଦେଇ ନଥାଏ। ଏଣୁ ହୃଦୟ ଫୁଲା ଫୁଙ୍ଗୁଳାରେ ଅତି ମସ୍ତିରେ ଜୀବନ ଜିଇଁ ଦିନ କାଟିବାରେ ଲାଗିଲା।

ଏକା ଗାଁର ପଡ଼ୋଶୀ ଯୁଗଳ ଦାସ ପଡ଼ୋଶୀ ହିସାବରେ ଭାରି ଭଲ ଲୋକ ମଧ୍ୟ ବିତ୍ତୀୟ ଶ୍ରେଣୀର, ଅଭାବ ଅନାଟନ ନଥାଏ-ଭଲରେ ନହେଲେ ବି ସୁରୁଖୁରରେ ଚଳନ୍ତି। ପୁଅ ନଥାଇ ତିନୋଟ ଝିଅ ବଡ଼ ଦୁଇଙ୍କୁ ଛାଡ଼ିଲେ ଶେଷ କୋଳପୋଛା ଅଲିଅଳି ଗେହ୍ଲୀ ଝିଅର ସ୍ୱଭାବ ଢ଼ଙ୍ଗଢ଼ାଙ୍ଗ ନିଆରା। ନ ହେବ କେମିତି କହୁନା ଏତେ ସ୍ନେହ ଆଦର? ବାପା ମାଆ ଉଭୟେ ଝିଅକୁ ମଧ୍ୟ ପୁଅ ଭଳି କାରବାର ଅମାପ ମମତାର ଫଳ ଝିଅକୁ ପଢ଼ାଇ ଉଚ୍ଚ ଶିକ୍ଷିତା କରିବାର ସଂକଳ୍ପ ନେଇଛନ୍ତି ହେଲେ କେମିତି ଯା ସମ୍ଭବ ହେବ? ଝିଅ ମଧ୍ୟ ଅସୁନ୍ଦରୀ ନହେଲେ ସେତେଟା ସୁନ୍ଦରୀ ନୁହେଁ। କଥା ଛଳରେ ଗାଁ ସାହିର ପଡ଼ୋଶୀ କେତେବେଳେ କିଏ ଥଟ୍ଟା ମଜାକରେ କହି ଦେଇଛନ୍ତି ଯେ ଦାସ ଝିଅ ରାଣୀ ହୃଦୟର ରାଣୀ ବନିଲେ ଦେଖାଯାଆନ୍ତା ସଂସାରରେ ଗତି କେମିତି କା? କେତେ ଏ ସଂସାରରେ ମିଳିବେ? ପରଠାରୁ ଏମିତି ନାନା କଥା ଶୁଣି ଶୁଣି ବାପ ମାଆ ଉଭୟେ ଚିନ୍ତାରେ ଥାଆନ୍ତି। ଏମିତି ସ୍ଥିତିରେ ରାଣୀ ହୃଦୟ ସାଙ୍ଗରେ ମଉକାରେ ଏକ ଚାଲ୍ ଖେଳିଲା। ଏକେତ ଦୁଇ ଜଣଙ୍କର ଉଚ୍ଛୁଳା ଯୌବ ହୃଦୟ ନିସ୍ତାର ପାଆନ୍ତା କେମିତି? ଉମା ବହ୍ଲଭ ଯେ ସବୁ ଦେଖି ଶୁଣି, ପାଦ ତଳ ମାଟି ଖସି ଖସି ଗଲା ପରି ଓ ମୁଣ୍ଡ ଉପରେ ଆକାଶ ଛିଡ଼ି ପଡ଼ିଲା ପରି ଅନୁଭବ କରୁଥାଏ। ଯୁଗଳ ଦାସ ଝିଅ ପୁଅ ପ୍ରସ୍ତାବ ନେଇ ଉମା ବହ୍ଲଭକୁ ନାନା ପ୍ରଲୋଭନରେ ପୋତି ପକେଇ ପାଗଳ କରି ଦେଲେଣି କାହିଁକି, ନା ସାନ ଝିଅକୁ କେହି ବି ବୋହୁ କରି ନେବାକୁ ରାଜି ହୋଇ ନପାରନ୍ତି। ରାଣୀ ହୃଦୟକୁ ପ୍ରେମ ଜାଲରେ ଫସାଇ କହିଛି ଯେ, ତାକୁ ବିଭା ହେଲେ ସେ ଏତେ ଯାନି ଯୌତୁକ ଆଣିବ କି, ତାଙ୍କ ଘରର ଅବସ୍ଥା ନିଶ୍ଚୟ ବଦଳିଯିବ। ଯୌବନ ତ ଅନ୍ଧ ସୁନ୍ଦର ଅସୁନ୍ଦର କ'ଣ? ଉମାବହ୍ଲଭ ସିନା ଚିନ୍ତାରେ ମରି ମରି ବଂଚିଛି, କିନ୍ତୁ ରାଣୀ ଯଦି ବୋହୂ ହୋଇ ଆସେ ତେବେ କ'ଣ ହେବ ତାର ଭବିଷ୍ୟତ? ସଦାସର୍ବଦା ଭୟ ତ୍ରସ୍ତ-କାରଣ ପିଲାଟି ବେଳରୁ ରାଣୀକୁ ସେ ଦେଖି ଆସୁଛି। ବାପା ମାଆଙ୍କ ଗେଲବସରରେ ଲଗାମ ଛଡ଼ା ସାଙ୍ଗକୁ ଆଜି ଯୌତୁକ ପ୍ରାଚୁର୍ଯ୍ୟକୁ ନେଇ ମନରେ ଭାରି ଗର୍ବ ଅହଂକାର। ହୃଦୟ ବାପାଙ୍କୁ ପ୍ରେମ ଭକ୍ତି କରେ ମାତ୍ର ଉମା ବହ୍ଲବର ଅତୁଟ ପୁତ୍ର ମୋହ ହୃଦୟକୁ ମଣିଷ ହେବାର ପଥ ରୋଧ କରି ଦେଇଛି।

ଯା ଭିତରେ ଗାଁଠାରୁ ଦୂର ସହରରେ ହୃଦୟକୁ ଏକ ଛୋଟ ମୋଟ ଚାକିରୀ ମିଳିଯିବା ପରେ ଉଭୟ ପରିବାରର ସହମତିରେ ବାହାଘର ଯେମିତି ସେମିତି ସରିଯାଇଛି, ହେଲେ ହୃଦୟର ମନ କହୁନାହିଁ ଯେ, ତା ବାପାକୁ ଗାଁରେ ଏକ ଛାଡ଼ି ଏମାନେ ଯାଇ ସହରରେ ରୁହନ୍ତୁ ମାତ୍ର ରାଣୀ ତ ଏମିତିକା ଝିଅ - ସେ କେମିତି ଅବା ଥୟ ଧରି ରୁହନ୍ତା ଯେ? ମନରେ ନାନା କଳ୍ପନାଜଳ୍ପନା ଏମିତିକି ତା ବାପା ମା ଝିଅ କଥାକୁ ସମର୍ଥନ କରୁଛନ୍ତି, ତେଣୁ ରାଣୀ ନଛୋଡ଼ ବନ୍ଧା। ସେ ଯାଇ ସହରରେ ହୃଦୟ ସାଙ୍ଗରେ ରହିବ। ଉମା ବହ୍ଲଭ ମୁଣ୍ଡ କୋଡ଼ି ବିସ୍ଫୋରିତ ନେତ୍ରରେ ଉପରକୁ ଚାହିଁ କର୍ମକୁ ନିନ୍ଦୁଛି ସିନା, ମାତ୍ର ପୁଅ ମନରେ ସାମାନ୍ୟ ଆଘାତ କି, ଦୁଃଖ ଦେଖି ବା ଯେମିତି ତା ପାଇଁ କାଠିକାର ପାଠ। ରାଣୀର ଗୁଣ ସ୍ୱଭାବ ପ୍ରକୃତି ଆଚାର ବ୍ୟବହାର ଦିନୁ ଦିନୁ ଅତି ମାତ୍ରାରେ ଉଚ୍ଛୃଙ୍ଖଳ କ'ଣ ବା କରିବ ସିଏ? ଗାଁ ଜନ୍ମମାଟି ଜ୍ଞାତି ପରଜନ କୁଟୁମ୍ବ ସୋଦରଙ୍କ ଅନାବିଳ ମୋହ ପ୍ରେମ ସମ୍ବନ୍ଧେ ଚିନ୍ତା ସାଙ୍ଗକୁ ରାଣୀର ଏକ ଜିଦ୍ ଯେ, ବାପା (ଶ୍ୱଶୁର) ଗାଁରେ ଏକା ରୁହନ୍ତୁ। ଆମେ କିନ୍ତୁ ସହରକୁ ଯାଇ ରହିବା 'ନାରୀ ବସା ମାନବା'।

ହୃଦୟ ରାଣୀ କଥାରେ ବାଧ୍ୟବାଧକତାରେରାଜି ନ ହୋଇ, ଯିବ କୁଆଡ଼େ? ରାଣୀର ବାପ ମା ତାଙ୍କ ପାଇଁ ଦରକାରୀୟ ସାଜ ସରଞ୍ଜାମ କିଣି ଯୋଗାଇ ଦେଲେ, ଏବଂ ହୃଦୟ ରାଣୀକୁ ସାଙ୍ଗରେ ଧରି ସହରରେ ଘର ଭଡ଼ା ନେଇ ରହିବାକୁ ଲାଗିଲେ, ରାଣୀର ଉଦଣ୍ଡି ସ୍ୱଭାବ ନେଇ ପାଖ ପଡ଼ୋଶୀଙ୍କ ଠାରୁ ଏବଂ ଘର ମାଲିକ ଠାରୁ ନାନା କଥା ଅକଥା ଶୁଣି, ବାପା ଉମା ବହ୍ଲଭ ଦୁଃଖକୁ ଆଖି ଆଗରେ ନାଚି ଯାଉଥିବାର ଦେଖି ସଦା ଚିନ୍ତିତାବସ୍ଥାରେ କାମକୁ ଗଲେ ମଧ୍ୟ କେତେବେଳେ ବି ମନରେ ଖୁସୀ ନଥାଏ।

ଯା ଭିତରେ ଉମାବହ୍ଲଭ ପୁଅ ବୋହୂ କଥା ଦେଖି ଶୁଣି ମର୍ମେ ମର୍ମେ ହୃଦୟଙ୍ଗମ କରି "ଅଯାଗା ଘାଆ ଦେଖି ହୁଏନ କି, ଦେଖାଇ ହୁଏନା" ବଡ଼ ଚିନ୍ତାରେ ଶୁଷ୍କ କାଷ୍ଠ ବତ୍ ବାର ବରଷର ମଲୁ ପରି ଶୁଖି କଣ୍ଟା ହୋଇଗଲାଣି। ଅତି ମାତ୍ରାରେ ପୁଅ ମୋହରେ ଅନ୍ଧ ହୋଇ । ହସ ଖୁସି ସଂସାରକୁ ଅନ୍ଧକାରମୟ ଅସାର କରି କ'ଣ କରିବି? କ'ଣ କରିବି? ପ୍ରଳାପ ଛଡ଼ା ଅନ୍ୟ କିଛି ଗତିନାହିଁ। ପୁଅ ହୃଦୟ ବହ୍ଲଭ ବାପା ଆଗରେ ଅବସ୍ଥା ଦେଖି ଦୁଃଖରେ ନିର୍ଜିବ କଳବତ୍ ଚଳନଶୀଳ ଅଥଚ, ରାଣୀର ହାତରେ ରିମୋଟ କଣ୍ଟ୍ରୋଲ୍ ସୁଇଚ୍ ତା ମୁତାବକ ସେ ଚଳାଇବାରେ ବ୍ୟସ୍ତ ହୃଦୟ - ଚାହିଁ ବି, କିଛି କରିପାରୁ ନାହିଁ - କହୁନାହିଁ।

ସହର ଭଡ଼ାଘରର ପଡ଼ୋଶୀ ହିସାବରେ ବିହାରର ଏକ ଲଫଙ୍ଗା ଯୁବକ ହୃଦୟ ଏବଂ ରାଣୀଙ୍କର ବିଶ୍ୱାସଭାଜନ ଅତି ପ୍ରିୟ ବନ୍ଧୁ ବନିଗଲାଣି, ଅଥଚ ତା'ର ଭିତିରି ମସୁଧା ଅଲଗା ଯାହାକି ପ୍ରତ୍ୟେକ କାର୍ଯ୍ୟକଳାପରୁ ଅନୁମେୟ। ହୃଦୟ ଡ଼ରିମରି ସ୍ୱାଭିମାନି ମନ୍ତ୍ରବଶ ତୁଲ୍ୟ ପୋଷା ଜୀବ ପ୍ରକାରେ ରାଣୀ ଆଜ୍ଞା ପାଳନ କରୁ କରୁ ଦଶହରା ବେଳକୁ ହୃଦୟ ରାଣୀ ଉଭୟ ଗାଁକୁ ଯାଇ ବୁଲି ଆସିବାକୁ ମନସ୍ଥ କରି ଯାଇଛନ୍ତି ଏବଂ ହୃଦୟ ନାନା ପ୍ରକାରେ ରାଣୀକୁ ବୁଝାଇ ନେହୁରା ହୋଇ, ବାପାଙ୍କୁ ସାଙ୍ଗରେ ସହର ନେଇଯିବାର ସ୍ଥିର କରିଛନ୍ତି ଏବଂ ରାଣୀର ବାପା ମା ଝିଅକୁ ଏଣୁ ତେଣୁ ନାନା ପ୍ରକାର ଯାହା କି ଗାଉଁଲି ଭାଷାରେ "ବୋଝ ଭାର" କୁହାଯାଏ ଯେମିତି ଭୁଜା ଚୁଡ଼ା ମୁଢ଼ି ପିଠାପଣା ଡ଼ାଲି ଚାଉଳ, ବଡ଼ି ଆଚାର ଲେମ୍ବୁ ନଡ଼ିଆ ଇତ୍ୟାଦି ସଜେଇ ସାଜେଇ ଝିଅ ଜ୍ୱାଇଁଙ୍କୁ ବିଦା କଲେ ଏବଂ ଉମା ବ୍ରହ୍ଲଭ ଯନ୍ତ୍ରବତ୍ ତାଙ୍କ ସାଙ୍ଗରେ ବାହାରି ଗଲେ।

ଉମା ବହ୍ଲଭ ରାଣୀର ପ୍ରୀତିନାଗର ଯୁବକର ଚକ୍ଷୁଶୀଳ ହେବା ସ୍ୱଭାବିକ ତାପରେ ସେ ଆସି ଏଠି ରହିଲେ ପ୍ରେମର ପରିପନ୍ଥି ନିଶ୍ଚୟ ନ ହେଲେ ବି, ସବୁଟାରେ ଆଉ ସେମିତି ଖୁଲମ୍ଖୁଲା ହେବନି କି'। ଅସଲ ମଜା ଆସିବନି। ହୃଦୟବହ୍ଲଭ ସ୍ତ୍ରୀ ଆଗରେ ବୀରଦର୍ପରେ ବାପା ବିରୁଦ୍ଧାଚରଣ ଓ ସ୍ତ୍ରୀ କଥାକୁ ଅନ୍ତରର ସହିତ ନହେଲେ ବି, ଉପର ଠାଉରିଆ ସମର୍ଥନ କରୁଥିବାରୁ ସେ ଦୁହିଁଙ୍କ ମନରେ ସାମାନ୍ୟତମ ଆଶ୍ୱାସନା, ଏମିତିରେ କେତେଦିନ ବିତିଲା ପରେ ବିହାରୀ ଯୁବକର ପ୍ରରୋଚନାରେ ଦୁହେଁ ଏକ ନାଟକ ସୃଷ୍ଟିର ଖସଡ଼ା ଆୟୋଜନ କଲେ। ଉମାବହ୍ଲଭ ଆକ୍ରାମକ୍ତା କିଛି ଯେମିତି ଶୁଭୁନି କି ପୁରୁନି ସବୁ ଜାଣି ମଧ୍ୟ ନଜାଣିବା ଅଗୁମାର ଭଳି ଦିନ ବିତାଉଥାଏ, କିନ୍ତୁ କୌଣସି କିଛି କଥାକୁ ମନରେ ଗୁରୁତ୍ୱର ସହ ନେଇ ନଥାଏ, ନେଲେ ବା କ'ଣ କରି ପାରିବ ସେ? ଦେଖୁଛି ଯେ ପୁଅ ତ ଏକ ପ୍ରକାର କାଳିଆ, ମେଣ୍ଢା ପାଲଟି ଯାଇଛି। କର୍ମକୁ ଠୁକି-ଧର୍ମକୁ ସାକ୍ଷୀ ରଖି ଅସହ୍ୟ ମାନସିକ ଯନ୍ତ୍ରଣାରେ ଶବ ତୁଲ୍ୟ ବଂଚି ରହିଛି।

ଦିନ ପରେ ଦିନ ବିତି ଏମିତି ପୁଷମାସ ହାଡ଼ଭଙ୍ଗା ଜାଡ଼ ପଡ଼ିଥାଏ କିନ୍ତୁ ଉମା ବହ୍ଲଭ ଖାଲିଟାରେ ବସି ବସି ସିନା ଶୀତ ଅନୁଭବ କରୁଥାଏ, ମାତ୍ର କିଛି ବି ଅସୁବିଧା ସମ୍ପର୍କେ ପାଟି ନଫିଟାଇଲେ କ'ଣ ହେବ? ରକ୍ତ ମାଂସର ଶରୀର କେତେ ବା ବରଦାସ୍ତ କରନ୍ତା? ସାଂଘାତିକ ଭାବେ ଥଣ୍ଡା ଜ୍ୱରରେ ପଡ଼ି, କାଶୁଥିଲେ ମଧ୍ୟ ରାଣୀର ଏସବୁ ହଜମ ହେଉ ନଥାଏ କାହିଁକି ନା ବିହାରୀ ରସିକ ପ୍ରବରର ଖସଡ଼ା ମୁତାବକ, ରାଣୀ ହୃଦୟକୁ କହି ବୋଲି ଯେମିତି ବି, ହେଉ ଆଜି ସଂଧ୍ୟା ପୂର୍ବରୁ ଘରୁ ଏକୁଟିଆ ଡ଼ାକିନେଇ କୌଣସି ଅଜଣା ଯାଗାରେ ଛାଡ଼ିଦେଇ ଆସିବାର ଯୋଜନା ହୋଇଗଲା ଏବଂ ଅଭିନୟ ପଟୁ ହୃଦୟ କାଠ ପାଷାଣ ପାଲଟି ଯାଇ ସୁଦ୍ଧୁ ଡ଼ାହାମିଛରେ ଡ଼ାକ୍ତରଖାନା ଆଳ ଦେଖାଇ ବାହାନା କରି, ଟେମ୍ପୋରେ ବସାଇ ଘରଠାରୁ ଦୂର ଜାଗାକୁ ନେଇ, ବାପା ଏଇଠି ବସିଥାଅ - ମୁଁ ମୋର ସାଙ୍ଗକୁ ଡ଼ାକି ଆଣେ - ତୁମେ ଏଠୁଁ କୁଆଡ଼େ ଯିବନାହିଁ ଆସିଲେ - ଡ଼ାକ୍ତରଖାନା ଯାଇ ଡ଼ାକ୍ତର ଦେଖାଇ ଔଷଧ ପତ୍ର ଆଣିବା କାଲୁଆ ପବନରେ ଉମାବହ୍ଲଭ ଦେହରେ ମଧ୍ୟ ସେମିତି ଶୀତ ଚାଦର କି ଲୁଗାପଟା କିଛି ନାହିଁ। ଥରୁ ଥରୁ ହୋଇ ଥଣ୍ଡା କାଶରେ ପ୍ରାଣ କଣ୍ଠାଗ୍ରତ। ସେ ବାଟ ଦେଇ ଯିଏ ଯେତେ ଯାଉଥିଲା ବାଟୋଇ ପାଖକୁ ଆସି ଏ ଦୁଃଖ ଦୁର୍ଦ୍ଦଶା ଦେଖି ପଚାରିକ ବଚାରି ନୟାନ୍ତ ହେଲେ ବି ଉମାବହ୍ଲବ ପୁଅର ପ୍ରକୃତ ସଠିକ ଘଟଣା ସମ୍ପର୍କେ କାହାକୁ କିଛି କହୁ ନହିଁ କି ପୁଅର ଅମଙ୍ଗଳ କଥା ଚିନ୍ତା ନ କଲେ ବି ସନ୍ଦେହରେ ନାନା ଅଘଟଣା କଥା ଚିନ୍ତା କରି କରି କାନ୍ଦିବାରେ ଲାଗିଥାଏ ସତ ହେଲେ ପୁଅ ବୋହୂଙ୍କ ଅସଲିୟତ କଥା କାହା ଆଗେ କହୁନଥାଏ। ଖାଲି ଏତିକି ମାତ୍ର ଥୁରୁ ଥୁରୁ କଣ୍ଠରେ କହୁଥାଏ କି, ମୋ ପୁଅ ଏଇନା ଆସିବ ମାତ୍ର ଦେଖଣାହାରୀ ମାନେ ଅତିଷ୍ଠ ହୋଇଉଠି - କୁହ ମଉସା! ତୁମ ପୁଅ ନାମ କ'ଣ? କେଉଁଠି କ'ଣ କରେ? କି ଚାକିରି କରେ? କେଉଁଠି ରହେ? ତାର କିଛି ଠିକଣା ଜାଣିଛ ଯଦି କୁହ? - କି ନହେଲେ ଆମ ସାଙ୍ଗରେ ଚାଲ - ଆଉ କେତେବେଳ ଯାଏଁ ଏଇମିତ ଦହଗଞ୍ଜ ହେଉଥିବ? ହେଲେ ଏ ସମସ୍ତଙ୍କର ଗତିବିଧି ଲକ୍ଷ୍ୟ କରି ନାନା ଲୋକଙ୍କ ଠୁଁ - ନାନା କଥା ଶୁଣି ଶୁଣି ଶୀତ ପ୍ରକୋପରେ କାଲୁଆ ପାଲଟି ଯାଇ ଆଉ ମଧ୍ୟ ସେମିତିରେ ଉମାବଲ୍ଲବ ସହରରେ ନୂଆ ଜାଗା ସମ୍ବନ୍ଧେ କିଛି ବି ଗୋଚର ନାହିଁ କି ଠିକଣା ଜଣା ନାହିଁ। ଆଉ କହିବା ବା କ'ଣ? ନିର୍ଦ୍ଦୟ ଈଶ୍ୱର କ'ଣ ପାଇଁ କି କାରଣେ ତା ପାଇଁ ପାଷାଣ ପାଲଟିଛନ୍ତି?

ଲୋକଙ୍କ ଭିତରୁ କେହି ଜଣେ କହିଲେ - ଏ ପରା ସେ ହୃଦୟବହ୍ଲଭ ବାପା - ସେ କମ୍ପାନୀରେ ଚାକିରି କରେ - ସେଠାରେ ଘରଭଡ଼ା ନେଇ ରହେ। ଚାଲ ଏ ମଉସାଙ୍କୁ ନେଇ ସେଠାରେ ପହଞ୍ଚାଇ ଦେଇ ତା ପୁଅ ପଣିଆକୁ ସେଠାରେ ପରଖି ନେବା, ଆଉ ଆପଣମାନଙ୍କ ବିଚାରକୁ ଯାହା ସୁହାଇବ ତାହା ହିଁ କରିବା। ଉମାବହ୍ଲଭ କିନ୍ତୁ ଯିବାକୁ ନାରାଜ। ଏଣୁ ସମସ୍ତେ ପ୍ରକୃତ ତଥ୍ୟକୁ ନେଇ ନିଜ ନିଜ ବିଚାର ବିବଚେନାରେ ଅସଲକୁ ଅବଗତ। ଯା ଭିତରେ ଏକୁ ଏକ ହୋଇ ଅନେକ ଲୋକ ଯୁଟି ଉମାବହ୍ଲଭଙ୍କୁ ଗାଡ଼ିରେ ବସାଇ ସମସ୍ତେ ହୋ ହାଲ୍ଲା କରି ଦେଖିଥବା, ଜାଣିଥିବା ଲୋକର ବତେଇବା - ବାଟ କଢ଼େଇବା ମୁତାବକ ଠିକଣାରେ ପହଞ୍ଚି ଦେଖନ୍ତି ତ ହୃଦୟ ନାହିଁ ଅଥଚ ଆଉ ଯାହା ଘଟଣାବଳୀ ଓ ଦୃଶ୍ୟାବଳୀ ଦେଖି ଉତପ୍ତ ହେଲେ ବି ନିସ୍ତବ୍ଧ। ହତ ଚକିତ ଆକ୍ରାମାକ୍ତା ଏଇ ତ ଭାରତୀୟ ସମ୍ବିଧାନ - ମାନବାଧିକାର ଆଇନ।

*ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ,*
*ଏଚ୍.ଆଇ.ଜି ସି/୮୬ ଟପ୍‌ଫ୍ଲୋର*
*ଭୁବନେଶ୍ୱର-୩,*
*ଦୂରଭାଷ: ୯୪୩୭୫୮୦୨୪୩*

# ଅନ୍ତରୀଣ ଦୃଷ୍ଟି



**ସୁନନ୍ଦା ତ୍ରିପାଠୀ**

**ଦି**ନ ଥିଲା, ପ୍ରକୃତିର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ
ଅବା ଜୀବନର କୌଣସି ଏକ ହୃଦୟସ୍ପର୍ଶୀ
ଘଟଣାରେ ପ୍ରେରିତ ହୋଇ, ସତେ ଯେମିତି
ଏକ ତୃତୀୟ ନେତ୍ର ଖୋଲି ଯାଉଥିଲା।
କଳ୍ପନାର ପକ୍ଷୀ ଉଡାଣ ଉଡୁଥିଲା ଅନ୍ତରୀକ୍ଷ, ଆକାଶ ଡେଇଁ।
ଓଠରୁ ଝରି ଯାଉଥିଲା ରଙ୍ଗ ବେରଙ୍ଗ ଶବ୍ଦ ସବୁ ଫୁଲଝରି ପରି।



ହେଲେ ଏବେ କ'ଣ ହୋଇଛି କେଜାଣି
ଯେତେ ଯାହା ଦେଖିଲେ ବି, ମୋ ସରହଦରେ
ଯାହା ଯାହା ଘଟିଲେ ବି, ସବୁ ଅନୁଭବ ସବୁ ଅବିଭବ
ମନର ଗହ୍ୱରରେ ଲୀନ ହୋଇଯାଉଛି
ଅନ୍ତରୀଣ ହେଉଛି ମୋ କବିଦୃଷ୍ଟି।
କଳ୍ପନାର ଉଦ୍‌ବେଳନରେ ଆଉଟୁ ପାଉଟୁ ହେଉନି
କି ଛଟପଟ ହେଉନି ସେ ଅନନ୍ୟ ଗର୍ଭବେଦନାରେ
ଅଥଚ ମୁଁ ରହୁଛି ଖୁବ୍ ଶାନ୍ତସମାହିତ ଭାବନାରେ।
ମତେ ଲାଗୁଛି, ଇଏ ଏକ ଆତ୍ମସ୍ଥ ହେବାର ବେଳା
ବୋଧହୁଏ ମୋ ଭିତରେ ତିଆରି ଚାଲିଛି
ଆଉ ଏକ ବୋଧି ଦର୍ଶନର ନବ୍ୟ ମୁଖଶାଳା।

*ଅଧ୍ୟାପିକା, ପିପିଲି କଲେଜ, ପୁରୀ*
*ଦୂରଭାଷ: ୮୨୪୯୭୮୬୫୯୩*

# ଆସୁଛନ୍ତି ମା'



**ମିନାକ୍ଷୀ ପଣ୍ଡା**



**ମା'** ନାରାୟଣୀ ଆଗମନ ଜାଣି
ଶରଦ ଚଳଚଞ୍ଚଳ
କାଶତଣ୍ଡୀ ହସେ ଶୁଭ୍ର ପରକାଶେ
ସରସୀରେ ସ୍ୱଚ୍ଛଜଳ।
କଇଁ, ଅରବିନ୍ଦ ହସି ମନ୍ଦମନ୍ଦ
ସ୍ୱାଗତେ ଅଛନ୍ତି ରତ
ମୁକ୍ତ ନୀଳାକାଶେ ମେଘମାଳା ଭାସେ
ସତେକି ବୋଇତ ଯାତ।
ଗୁଣୁଗୁଣୁ ଗୀତ ଗାଉଛି ଭଅଁର
ଦେଉଛି ଶୁଭ ବାରତା
ନାନା ଫୁଲେ ବସି ଜଣାଉଛି ହସି
ଆସୁଛନ୍ତି ଆଦିମାତା।
ଆମ କମଳିନୀ ଗିରିଜାନନ୍ଦିନୀ
ନବଦୁର୍ଗା ନବବେଶେ
ତୋଳିନେଉ ମାତ ଅଭୟର ହାତ
ତୁମ ଆଶୀଷ ପରଶେ।
ମହୀଷାର ବଳ ଦହୁଛି ସକଳ
ଦୁର୍ବଳ ଅତ୍ୟାଚାରିତ
ପୁଣ୍ୟମୟୀ ଧରା ଯାତନାରେ ଭରା
ଶୋକାତୁର ଅବିରତ।
ଆଶୀଷ ଅମୀୟ ହରୁ କ୍ରୁରଭୟ
ଅନ୍ୟାୟ ହେଉ ବିଲୟ
ସତ୍ୟ ଆରୋହଣ କରୁ ସିଂହାସନ
ଧର୍ମର ହେଉ ବିଜୟ।

*ଦୂରଭାଷ: ୯୯୩୭୫୮୬୧୨୭*



**ଅଭିମନ୍ୟୁ ମିଶ୍ର**



ନବ ଦିନାତ୍ମକ ପୂଜନ ପ୍ରତୀକ
ତମ, ରଜ, ସତ୍ତ୍ୱ ଭେଦ
ତ୍ରିଗୁଣ ଧାରଣ କରି ନରଗଣ
ବୋଲାନ୍ତି ଦାନବ, ଦେବ।
ଦଶମ ଦିବସ ବିଜୟ ଉଦ୍‌ଘୋଷ
ତମସ ହୁଏ ବିନାଶ
ବିବସ୍ତା ରମଣୀ ହସ୍ତେ ହତ ପ୍ରାଣୀ
ପ୍ରତୀକାତ୍ମକ ସନ୍ଦେଶ।
ଦଶାନନ ଦଶ ପ୍ରକାଶେ ତମସ
ସତ୍ତ୍ୱ ନିଦର୍ଶନ ରାମ
ଅସତ୍ୟ ବିଲୟ ଆଲୋକ ଅକ୍ଷୟ
ଦଶହରା ସାରମର୍ମ।
ବଳିୟାନ ଆଜି ତମ ଗୁଣାରାଜି
ମହିଷା କରେ ରାଜୁତି
ପର୍ବ ଦଶହରା ହେଉ ଦଶା ହରା
ଶ୍ରୀପଦେ ମାଆ ପ୍ରଣତୀ।

*ଢେଙ୍କାନାଳ*

# ତୁ ସର୍ବଂସହା



**ପ୍ରଦୀପ ବନ୍ଧ**



**ତୁ** ଲକ୍ଷ୍ମୀ ହୁଅ କି ଦଶଭୁଜା
ମୋର କିଛି ଯାଏଆସେ ନାହିଁ
ସମସ୍ତେ ତୋତେ ଦେଖିବାକୁ ଆସିବେ
ମୁଁ ବି ଆସିବି।
ପରନ୍ତୁ ତୋ ରୂପରଙ୍ଗ
ଚେହେରା ଟିକେ ବି ଅଲଗା ନଥିବ
କାରଣ ଆଗରୁ ଯେମିତି ଦିଶୁଥିଲୁ
ଠିକ୍ ସେମିତି ଦିଶୁଥିବୁ
ସମସ୍ତେ କୁହନ୍ତି ତୁ ମା', ତୁ ସର୍ବଂସହା।



ହଁ କାହିଁକି କହିବେନି
ତୋର ସହିବା ଅଭ୍ୟାସ ହୋଇଗଲାଣି
ଦିନେ ଦୁଇଦିନ ଆଗରୁ କାଦୁଅ ତିଆରି ମୂର୍ତ୍ତିକୁ ଆଣି
ରଙ୍ଗ ଅବିର ଦେଇ ନାଚାର ହୋଇ ପୂଜିବେ
ସେଇ କେଇଦିନ, ତୋ ନାଁରେ ଶୋଷିବେ
ସକାଳ ହେଲେ ତୋ ପାଳି
ପୂର୍ବବର୍ଷ ଭଳି ପିନ୍ଧାଇଥିବା ବସନ ଓ ଗହଣାତକ
ଯତ୍ନ ସହକାରେ ଓହ୍ଲାଇ ପୁଣି
ଯେଉଁ ଲଙ୍ଗଳାକୁ ସେହି ଲଙ୍ଗଳା କରି ଛାଡିଦେବେ।
ପୁଣି ତୋର ଛପର ତଳେ
ଛ ଓଳି ନାରୀର ଓଦା ଦେହକୁ ନେଇ ଭୋକ ମେଣ୍ଟେଇବେ।
ଓ ତୁ ସେତେବେଳେ ସେଠି ନଥାଉ
ତେବେ ବିସର୍ଜନ ଦେଇଦେବେ ପାଣିରେ।
ଏମାନେ ପିଶାଚ ସାଜି ଭୋକ ମେଣ୍ଟାଇବା ନିଶାରେ
ତୋତେ ବି ଛାଡିବେନି ମା, ହେଲେ ତୁ ତ ସର୍ବଂସହା।

*ସାନମଛୁଆଘାଇ, ରାଜଘର ପୋଖରୀ*
*ବାସୁଦେବପୁର, ଭଦ୍ରକ*
*ଦୂରଭାଷ: ୮୦୭୨୭୮୩୨୨୦*

# ପିଲାଙ୍କ ଦୁନିଆ







**ସାଇ ସାନ୍‌ଭି**
ଷ୍ଟାଣ୍ଡାର୍ଡ-୩
ଫ୍ୟୁଚର ଭୁବନେଶ୍ୱର ସ୍କୁଲ

# ବିଦାହେଲେ ଆଉ ୫ ଦୁର୍ନୀତିଗ୍ରସ୍ତ ଅଧିକାରୀ

**ଭୁବନେଶ୍ୱର:** ରାଜ୍ୟ ସରକାର ଦୁର୍ନୀତିଗ୍ରସ୍ତ ଅଧିକାରୀ ଦିଲ୍ଲୀପ କୁମାର ନାଗ, ବସନ୍ତ କୁମାର ବେହେରା, ଅଶୋକ କୁମାର ମାଝୀ, ପ୍ରଦୀପ କୁମାର ବେହେରା ଏବଂ ଶରତ ଚନ୍ଦ୍ର ପଣ୍ଡାଙ୍କୁ ଆଜି ସରକାରୀ ଚାକିରୀରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି । ଶ୍ରୀ ନାଗ ଅବକାରୀ ବିଭାଗର ଡେପୁଟି କମିଶନର ଭାବେ କାର୍ଯ୍ୟରତ ଥିଲେ । ଏହି ଚଢ଼ଉ ବେଳେ ତାଙ୍କ ନାମରେ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ପ୍ରାୟ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଏବଂ ୪୭ ଲକ୍ଷ ୫୦ ହଜାର ଟଙ୍କା ନଗଦ ଜବତ କରାଯାଇଥିଲା । ଘଟଣାରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଏପରିକି ମାମଲାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା । ଏହି ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର ଆୟ ବାବଦେ ତଥ୍ୟ ମଗାଯାଇଥିଲେ ସୁଦ୍ଧା ସେ ସମ୍ପର୍କିତ କୌଣସି ତଥ୍ୟ ସେ ରଖିପାରିନଥିଲେ । ଯାହାକି ଓଡ଼ିଶା ଗଭର୍ଣ୍ଣମେଂଟ କଣ୍ଡକ୍ଟ ରୁଲ୍ ୧୯୫୯କୁ ଉଲ୍ଲଘଂନ କରିଛି । ସେହିପରି ଢେଙ୍କାନାଳ ଆରଟିଓ ଭାବେ କାର୍ଯ୍ୟରତ ଥିବା ବସନ୍ତ କୁମାର ବେହେରାଙ୍କ ଆୟ ବର୍ହିଭୁତ ସମ୍ପତିକୁ ନେଇ ପୂର୍ବରୁ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା । ତାଙ୍କର ସମୁଦାୟ ୩ କୋଟି ୬୧ ଲକ୍ଷ ୧୯ ହଜାର ୨୨୬ ଟଙ୍କାର ଆୟ ବର୍ହିଭୁତ ସମ୍ପତି ଠାବ କରାଯାଇଥିଲା । ଏଥିରେ ଭୁବନେଶ୍ୱରରେ ଥିବା ଦୁଇଟି ପ୍ଲଟ୍ ଯାହାର ମୂଲ୍ୟ ୭ ଲକ୍ଷ ୨୨ ହଜାର ୫୦୦ ଟଙ୍କା, କଟକରେ ଥିବା ଅନ୍ୟ ଦୁଇଟି ପ୍ଲଟ ଯାହାର ମୂଲ୍ୟ ୧ କୋଟି ୭୦ ଲକ୍ଷ ୧୦ ହଜାର ଟଙ୍କା । ଭୁବନେଶ୍ୱରରେ ଥିବା କସମୋପଲିସ୍ ଫ୍ଲାଟ୍ ଯାହାର ମୂଲ୍ୟ ୪୯ ଲକ୍ଷ ୨୭ ହଜାର ୨୦୨ । ବିଭିନ୍ନ ବ୍ୟାଙ୍କରେ ଥିବା ଡିପୋଜିଟ୍ ର ପରିମାଣ ୩୩ ଲକ୍ଷ ୮୦ ହଜାର ୭୦୪ ଟଙ୍କା । ଦାମୀ କାର୍, ବାଇକ୍ ଯାହାର ମୂଲ୍ୟ ୭୦ ଲକ୍ଷ ୩୩ ହଜାର ୯୩୦ ଟଙ୍କା । ସୁନା ଓ ରୂପା ଅଳଙ୍କାର ୬ ଲକ୍ଷ ଟଙ୍କା । ନଗଦ ୩ ଲକ୍ଷ ୪୪ ହଜାର ୮୯୦ ଟଙ୍କା ଏବଂ ଅନ୍ୟାନ୍ୟ ୨୧ ଲକ୍ଷ ମୂଲ୍ୟର ଆସବାବପତ୍ର ଆକଳନ କରାଯାଇଥିଲା । ଉପଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀଙ୍କ ବିରୁଦ୍ଧରେ ଆୟ ବର୍ହିଭୂତ ସମ୍ପତି ଠୁଳ ପାଇଁ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା । ସେହିପରି ଡିଏଫଓ ଶରତ ଚନ୍ଦ୍ର ପଣ୍ଡା ନୂଆପଡ଼ା ଜିଲ୍ଲାର ଖରିଆର ଡିଭିଜନର ଡେପୁଟି କଞ୍ଜରଭେଟର ଥିବା ସମୟରେ ତାଙ୍କ ନାଁରେ ଏବଂ ତାଙ୍କ ପରିବାର ନାଁରେ ୪.୫ କୋଟି ଆୟ ବର୍ହିଭୁତ ସମ୍ପତି ଅଭିଯୋଗ ଆସିଥିଲା । ଭିଜିଲାନ୍ସ ତା' ଉପରେ ଚଢ଼ଉ କରିଥିଲା ଏବଂ ମାମଲା ରୁଜୁ କରିଥିଲା । ବିମୁଦ୍ରୀକରଣ ବେଳେ ବ୍ୟାଙ୍କରେ ୪କୋଟି ୨୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ତାଙ୍କ ଓ ତାଙ୍କ ପରିବାର ନାମରେ ଜମା କରିଥିଲେ । ସେହିପରି ଓଏଏସ ଅଫିସର କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରା ୨୦୦୮ରେ କୋରାପୁଟରେ ଥିଲାବେଳେ ଆୟବର୍ହିଭୁତ ସମ୍ପତି ମାମଲା ତାଙ୍କ ବିରୁଦ୍ଧରେ ହୋଇଥିଲା । ସେ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି ।

## ଯକ୍ଷ୍ମା ନିୟନ୍ତ୍ରଣରେ ଓଡ଼ିଶା ସଫଳ; ୧୩ତମ ସ୍ଥାନକୁ ଉନ୍ନୀତ

**ଭୁବନେଶ୍ୱର:** ଯକ୍ଷ୍ମା ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟ ସରକାର ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଆରଏନଟିସିପି)କୁ ସଫଳତାର ସହ କାର୍ଯ୍ୟକାରୀ କରୁଥିବାବେଳେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢିବାରେ ଲାଗିଛି । ଏକଦା ଯକ୍ଷ୍ମା ନିୟନ୍ତ୍ରଣ କ୍ଷେତ୍ରରେ ୨୪ତମ ସ୍ଥାନରେ ଥିବା ଓଡ଼ିଶା ଏବେ ୧୩ତମ ସ୍ଥାନକୁ ଉନ୍ନୀତ ହୋଇଛି । ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବି ଯକ୍ଷ୍ମା ନିୟନ୍ତ୍ରଣ ଯୋଜନା ବେଶ ସଫଳ ହୋଇପାରିଛି । ରାଜ୍ୟରେ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କରିଥିବା ରାଜ୍ୟ ସ୍ତରୀୟ ସମୀକ୍ଷାରୁ ଏହି ସୂଚନା ମିଳିଛି । ଯକ୍ଷ୍ମାରୋଗୀମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ଗୁଣାତ୍ମକ ଔଷଧ ଯୋଗାଯାଉଛି । ସେବା ମନୋଭାବ ନେଇ ସ୍ୱାସ୍ଥ୍ୟକର୍ମୀମାନେ ପ୍ରତ୍ୟେକ ରୋଗୀଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କ ଚିକିତ୍ସା କରିବା ଫଳରେ ରାଜ୍ୟରେ ଆରଏନଟିସିପିରୁ ସଫଳତା ମିଳିପାରିଛି । ରାଜ୍ୟର ଏଭଳି ସଫଳତା ପଛରେ ମିଶନ ନିର୍ଦ୍ଦେଶିକା ଶ୍ରୀମତୀ ପଣ୍ଡିତ ଓ ତାଙ୍କ ଟିମର ବେଶ ସହଯୋଗ ରହିଛି । ମାଲକାନଗିରି ସମେତ ରାୟଗଡା ଓ କଟକ ଜିଲ୍ଲାରେ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ବେଶ ସଫଳ ହୋଇଥିବାବେଳେ ସେହିସବୁ ଜିଲ୍ଲାରେ ଥିବା ସଂଯୋଜକମାନେ ସ୍ୱତନ୍ତ୍ର ଭାବେ ପଦକ୍ଷେପ ଗ୍ରହଣ କରୁଛନ୍ତି । ରାଜ୍ୟକୁ ମିଳୁଥିବା ଏହି ସଫଳତା ବଜାୟ ରହିବା ସହିତ ଆଗାମୀ ଦିନରେ ରାଜ୍ୟ କିଭଳି ଏକ ନମ୍ବର ସ୍ଥାନରେ ପହଞ୍ଚିବ ସେଥିପାଇଁ ଶ୍ରୀମତୀ ପଣ୍ଡିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଯକ୍ଷ୍ମା ଚିକିତ୍ସା ସଫଳତାର ହାର, ରୋଗ ଚିହ୍ନଟ ଲକ୍ଷ୍ୟ ପୂରଣ, ନିଶ୍ଚୟ ପୋଷଣ ଯୋଜନାରେ ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଲାଗି ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି)ମାଧ୍ୟମରେ ଅର୍ଥ ପ୍ରଦାନ ଆଦି ସଂକ୍ରାନ୍ତରେ ସମୀକ୍ଷା କରାଯାଇଥିଲା । ଅତି କମରେ ୮୦ ପ୍ରତିଶତ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟପାଇଁ ସିଧାସଳଖ ଅର୍ଥ ମିଳିବା ଆବଶ୍ୟକ ବୋଲି କୁହାଯାଇଛି । ଅନୁରୂପ ଭାବେ ଜିଲ୍ଲା ସ୍ତରରେ ଚିହ୍ନଟ ହେଉଥିବା ଯକ୍ଷ୍ମାରୋଗୀଙ୍କ ମଧ୍ୟରୁ ୭୫ ପ୍ରତିଶତଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଛି । ଏଚଆଇଭି ଆକ୍ରାନ୍ତମାନେ ସହଜରେ ଯକ୍ଷ୍ମାର ଶିକାର ହେଉଥିବାବେଳେ ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି ଓ ଆଇଏନଟିସିପିର ପଦାଧିକାରୀମାନେ ନିଜ ଭିତରେ ସମନ୍ୱୟ ରକ୍ଷାକରି ଟିବି-ଏଚଆଇଭିଙ୍କ ମୃତ୍ୟୁହାର ହ୍ରାସ ଲାଗି ସବୁ ପ୍ରକାର ଉଦ୍ୟମ କରିବାକୁ କୁହାଯାଇଛି । ଯକ୍ଷ୍ମା ନମୂନା ସଂଗ୍ରହ ବ୍ୟବସ୍ଥାକୁ ଅଧିକ ବ୍ୟାପକ ଓ ସୁବ୍ୟବସ୍ଥିତ କରାଯିବା, ଜିଲ୍ଲା ସ୍ତରରେ ଖାଲିଥିବା ଯକ୍ଷ୍ମା ନିୟନ୍ତ୍ରଣ କର୍ମଚାରୀ ପଦବୀ ପୂରଣ ଉପରେ ମଧ୍ୟ ଆଲୋଚନା ହୋଇଛି ।

**ଆବାସ ଯୋଜନା ବଣ୍ଟନ ବେଳେ ହଇଗୋଳ**

## ହିତାଧିକାରୀଙ୍କୁ କ୍ଷମା ମାଗିଲେ ବିଡିଓ



**ଯାଜପୁର:** ଜିଲ୍ଲାର ବରୀ ବ୍ଲକ ପରିସରରେ ଆବାସ ଯୋଜନା ବଣ୍ଟନକୁ ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବରୀ ଅଧକ୍ଷାଙ୍କୁ ନିମନ୍ତ୍ରଣ କରାଯାଇ ନଥିବାରୁ ଆବାସ ଯୋଜନା ପତ୍ର ବଣ୍ଟନ ବେଳେ ହଇଗୋଳ ସୃଷ୍ଟି ହୋଇଥିଲା । ଯେଉଁଥିପାଇଁ ମାତ୍ର କେଇଜଣ ଆବାସ ଯୋଜନା ପତ୍ର ପାଇଥିବା ବେଳେ ଶହ ଶହ ହିତାଧିକାରୀ କାର୍ଯ୍ୟାଦେଶ ନପାଇ ମନ ଦୁଃଖରେ ଘରକୁ ଫେରିଥିବା ଜଣାପଡିଛି । ବରୀ ବିଧାୟିକା ସୁନନ୍ଦା ଦାସ ବ୍ଲକ ଅଧକ୍ଷ ସୁବସିନୀ ନାଥ ଶର୍ମା ଓ ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କ ଉପସ୍ଥିତିରେ ବ୍ଲକ ପ୍ରଶାସନ ତରଫରୁ ଆବାସ ଯୋଜନାରେ ହିତାଧିକାରୀ କାର୍ଯ୍ୟ ବଣ୍ଟନରେ ପାତର ଅନ୍ତର ହୋଇଥିବା ଜାଣି ଓ ବ୍ଲକ ଅଧକ୍ଷଙ୍କୁ ବରୀ ବିଡିଓ ସଠିକ୍ ଭାବେ ନିମନ୍ତ୍ରଣ କରି ନଥିବାରୁ ବିଧାୟିକାଙ୍କ ସମ୍ମୁଖରେ ବହୁ ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ଅଧିକାଂଶ ହିତାଧିକାରୀ ପ୍ରବଳ ଅସନ୍ତୋଷ ପ୍ରକାଶ କରିଥିଲେ । ବ୍ଲକ ଅଧକ୍ଷା ଓ ବିଡିଓଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିବାରୁ ଏକ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ଯାହାକି ସମଗ୍ର ବରୀ ଅଞ୍ଚଳରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ । ଖବରରୁ ଜଣାଯାଏ ୬୯୧ ଜଣଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯିବାର ଥିଲା ଏବଂ ଏଥିପାଇଁ ବ୍ଲକ ପରିସରରେ କୌଣସି ବ୍ୟବସ୍ଥା ଯଥା ଟେଣ୍ଟ, ଖାଦ୍ୟ ପୁଡିଆ ଓ ପାନୀୟ ଜଳର ବନ୍ଦୋବସ୍ତ ନଥିବାରୁ ହିତାଧିକାରୀମାନେ ବିଡିଓଙ୍କ ଉପରେ ପ୍ରବଳ ବର୍ଷିଥିଲେ । ପରିଶେଷରେ ବିଡିଓ ଓ ବ୍ଲକ ଅଧକ୍ଷା ହିତାଧିକାରୀଙ୍କୁ କ୍ଷମା ମାଗିବାକୁ ବାଧ୍ୟ ହୋଇଥିଲେ ।

## ସତୀଗୁଡା ଗ୍ରାମ୍ୟ ରାସ୍ତାର ଦୟନୀୟ ସ୍ଥିତି



**ମାଲକାନଗିରି:** ସବୁଠାରେ ବିକାଶର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ସତୀଗୁଡା ଗ୍ରାମର ଦୟନୀୟ ସ୍ଥିତିକୁ ବୋଧେ ପରଖି ନାହାନ୍ତି । ବିଶେଷକରି ଏଠାକାର ରାସ୍ତା ଗୁଡିକ ଅତି ବିଷମ ପରିସ୍ଥିତିରେ ରହିଛି । ହାରାହାରି ହଜାରେ ପରିବାର ବସବାସ କରୁଥିବା ଏହି ଗାଁର ରାସ୍ତା ପ୍ରତି ପ୍ରଶାସନ ସତେଯେମିତି ଆଖି ବୁଜିଦେଇଛି । ମାଲକାନଗିରି ଜିଲ୍ଲାର ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ଏହି ଗ୍ରାମକୁ ଦୈନିକ ଅନେକ ପର୍ଯ୍ୟଟକ ବୁଲିବାକୁ ଆସନ୍ତି । ଏଠାରେ ଇକୋ ଟୁରିଜିମ୍ ପାର୍କ ଥିବାରୁ ବାହାରୁ ଆସୁଥିବା ଲୋକମାନେ ରାସ୍ତାକୁ ନେଇ ଅସନ୍ତୋଷ ଜାହିର କରୁଥିଲେ ବି ଏହା କୌଣସି ଜନପ୍ରତିନିଧିଙ୍କୁ ଦେଖା ଯାଉନାହିଁ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରାସ୍ତା କାମ ପାଇଁ ଆସିଥିବା ଟଙ୍କାର ସଠିକ୍ ବିନିଯୋଗ ହୋଇନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି ।

## ଦେଶର ଉର୍ଜା ଦାରିଦ୍ର୍ୟକୁ ହ୍ରାସ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି: ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର:** ନୂଆଦିଲ୍ଲୀ ଠାରେ ବିଶ୍ୱ ଅର୍ଥନୀତି ଫରୋମ ପକ୍ଷରୁ ଆୟୋଜିତ ଭାରତ ଅର୍ଥନୀତି ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ପୁନଃ ଶକ୍ତି ସଂଚାର ଦିଗରେ ଭାରତ' ଉପରେ ନିଜର ଭାବନାକୁ ପରିପ୍ରକାଶ କରିଛନ୍ତି । ଦେଶରେ ଶସ୍ତା, ସୁରକ୍ଷିତ ଓ ସ୍ଥାୟୀ ଉର୍ଜା ସମସ୍ତଙ୍କ ନିକଟରେ ପହଁଚାଇବା ପାଇଁ କେନ୍ଦ୍ର ସରକାର ଯୋର ଦେଉଥିବା ବେଳେ ବିଗତ ୫ ବର୍ଷରେ ଭାରତ ଅନେକ ନୀତିଗତ ସଂସ୍କାର କାରଣରୁ ଉର୍ଜା ଦାରିଦ୍ର୍ୟକୁ ଶେଷ କରିବାରେ ମହତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ବୋଲି ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଉର୍ଜା ବ୍ୟବହାର କରିବା ଦିଗରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି । ଏହା ଦେଶର ଉର୍ଜା ଦାରିଦ୍ର୍ୟକୁ ହ୍ରାସ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମସ୍ତ ଜନସାଧାରଣଙ୍କ ପାଖରେ ଉର୍ଜା ଉପଲବ୍ଧି, ଉର୍ଜା ଦକ୍ଷତା, ଉର୍ଜା ସ୍ଥିରତା ଏବଂ ଉର୍ଜା ସୁରକ୍ଷା ଭଳି ୪ଟି ସମ୍ଭକୁ ଆବୃତ କରିଛନ୍ତି । ଉର୍ଜା ନ୍ୟାୟ ପ୍ରଦାନ କରିବା ମଧ୍ୟ ମୋଦି ସରକାରଙ୍କ ଉର୍ଜା ଯୋଜନାର ଗୋଟିଏ ମହତ୍ୱପୂର୍ଣ୍ଣ କ୍ଷେତ୍ର । ବିଶେଷ ଭାବରେ ସାଉଦିଆରବର ତୈଳ କମ୍ପାନୀ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ଦ୍ୱାରା ବଜାରରେ ସୃଷ୍ଟି ହୋଇଥିବା ତୈଳ ଦର ଓ ମହଜୁଦ୍ ତୈଳର ରପ୍ତାନୀ କ୍ଷେତ୍ରରେ ଅନିୟମିତତା ହେତୁ ଭାରତ ସମେତ ସମସ୍ତ ତୈଳ ଆମଦାନୀକାରୀ ଦେଶ ଗୁଡିକ ସ୍ଥାୟୀ ଓ ଶସ୍ତା ଉର୍ଜାର ସ୍ରୋତକୁ ପ୍ରାଥମିକତା ଦେବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ ଆଗାମୀ ଦିନରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ରଖିଥିବା ବେଳେ ଏହା ମଧ୍ୟ ଜରୁରୀ ଯେ ଦେଶର ୧.୩ ବିଲିୟନ୍ ଲୋକଙ୍କ ପାଇଁ ଅର୍ଥାତ୍ ଯେଉଁମାନଙ୍କର ମୁଣ୍ଡ ପିଛା ଉର୍ଜା ବ୍ୟବହାର ବିଶ୍ୱ ହାରାହାରି ଠାରୁ କମ୍ ସେମାନଙ୍କ ପାଇଁ ଉର୍ଜାର ଉପଲବ୍ଧି ବଢାଇବାର ଆବଶ୍ୟକତା ରହିଛି । ୨୦୩୫ ସୁଦ୍ଧା ଆମର ଉର୍ଜା ଆବଶ୍ୟକତା ପ୍ରତିବର୍ଷ ୪.୨ ପ୍ରତିଶତ ହାରରେ ବୃଦ୍ଧି ପାଇବାର ଆକଳନ କରାଯାଇଛି । ଭାରତ ଆଗାମୀ ଦିନରେ ଅକ୍ଷୟ ଶକ୍ତିର କ୍ଷମତାକୁ ବଢାଇ ଅଣ-ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ମଧ ବୃଦ୍ଧି କରିପାରିବାର କ୍ଷମତା ରଖିଛି । ଭାରତ ସରକାର ପରିବହନ କ୍ଷେତ୍ରକୁ ବାୟୋଫୁଏଲ ସମେତ ଇ-ମୋବିଲିଟି ମାଧ୍ୟମରେ ସବୁଜସୁନ୍ଦର କରିବା ପାଇଁ ପ୍ରୟାସରତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନ୍ୟୁୟର୍କ ଠାରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଏହି କଥା ବର୍ଣ୍ଣନା କରିଥିବା ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ନେବରହୁଡ୍ ପଲିସି ଭାରତ ସମେତ ଅନ୍ୟ ଦକ୍ଷିଣ ଏସିଆ ଦେଶ ସହ ପାରସ୍ପରିକ ଭାବରେ ଲାଭଗତ ଉର୍ଜା ବିକଶିତ କରିବାରେ ସକ୍ଷମ ହୋଇପାରିଛି । ଭାରତ-ନେପାଳ ପେଟ୍ରୋଲିୟମ୍ ଉତ୍ପାଦ ପାଇପଲାଇନ ଆରମ୍ଭ ହେବା ମଧ୍ୟ ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପ । ଏତଦବ୍ୟତିତ ନେପାଳ ଏବଂ ଭୁଟାନରୁ ଭାରତ ଯାଏଁ ହାଇଡ୍ରୋପାୱାରର ହସ୍ତାନ୍ତରଣ କରି ଅଙ୍ଗାରକାମ୍ଳକୁ ହ୍ରାସ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଭାରତର ଉର୍ଜା ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିଛି ଏବଂ ବିଶ୍ୱର ଅନେକ ଦେଶକୁ ଆକର୍ଷିତ କରିଛି । ଅନେକ ବିକାଶଶୀଳ ଦେଶ ଏହି ମେଡଲକୁ ଅନୁସରଣ କରୁଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

### ଜଳବାୟୁ ...

ତାପମାତ୍ରା ବୃଦ୍ଧି ଯୋଗୁ ଅନେକ ସମୟରେ ଝଡବାତ୍ୟା ଓ ବଜ୍ରପାତ ଘଟୁଛି । ବଦଳୁଥିବା ପାଣିପାଗ ଅନୁସାରେ ଋଷୀମାନେ ଋଷ ନ କଲେ ଭବିଷ୍ୟତରେ ସଙ୍କଟ ସୃଷ୍ଟି ହେବ । ଏଥିସହିତ ଆଧୁନିକ ପଦ୍ଧତି ଓ ଜୈବିକ ପ୍ରକ୍ରିୟାରେ କୃଷି କାର୍ଯ୍ୟ କରାନଗଲେ ଏହା ମଧ କୃଷି କ୍ଷେତ୍ରକୁ ବେଶ୍ ପ୍ରଭାବିତ କରିବ । ଏନେଇ ଜାତିସଂଘ ପକ୍ଷରୁ ମଧ ଯେଉଁ ସୂଚନା ଦିଆଯାଇଛି ସେଥିରେ ଜଳବାୟୁ ପରିବର୍ତ୍ତନ ବିଶ୍ୱରେ ଭୟଙ୍କର ଖାଦ୍ୟ ସଙ୍କଟ ସୃଷ୍ଟି କରିବ ବୋଲି ଚେତାଇ ଦିଆଯାଇଛି । ଅନେକ ସମୟରେ ଦେଖାଯାଇଛି ମରୁଡି, ବନ୍ୟା ଓ ଝଡବାତ୍ୟା ଯୋଗୁ ଆମର ଖରିଫ ଧାନ ଉତ୍ପାଦନ ସର୍ବନିମ୍ନ ସ୍ତରକୁ ଚାଲିଯାଇଛି । ଧାନ, ମୁଗ, ବିରି, ବାଦାମ, ଆଳୁ ଓ ପନିପରିବା ଉତ୍ପାଦନ ହ୍ରାସ ପାଇବା ମଧ ସଙ୍କଟର ଅନ୍ୟତମ କାରଣ । ଅସମୟରେ ବର୍ଷା ହେଲେ ଫସଲରେ ରୋଗ, ପୋକ ହେବା ସହିତ ଧାନ ଅଗାଡି ହୋଇଯାଏ । ତେଣୁ ଫସଲ ଉତ୍ପାଦନ ହ୍ରାସ ପାଇଲେ ଦିନକୁ ଦିନ ସମସ୍ୟା ନିଶ୍ଚୟ ବଢ଼ିଚାଲିବ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଗତିବିଧିକୁ ଲକ୍ଷ୍ୟ କରି ଭବିଷ୍ୟତରେ କୃଷି କାର୍ଯ୍ୟ କରାନଗଲେ ଏହା ନିଶ୍ଚୟ ସଙ୍କଟ ସୃଷ୍ଟି କରିବ ।

### ଏବେ ବି ନଗଡାରେ...

ପରିବର୍ତ୍ତନ ହୋଇନାହିଁ । 'ଖାଦ୍ୟ ଅଧିକାର ଅଭିଯାନ' ପକ୍ଷରୁ ସେଠାକୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗତ ଜୁଲାଇ ମାସ ୮ ତାରିଖରେ ଯାଇଥିଲେ । ସେମାନେ ଦେଖିବାକୁ ପାଇଥିଲେ ଯେ ଏବେ ବି ଶିଶୁମାନେ ପୁଷ୍ଟିହୀନତାର ଶିକାର ଅଛନ୍ତି । ଭାତ, ଡାଲି ଓ ଲୁଣ ଖାଉଛନ୍ତି । ତିନି ଓଳି ଏହି ଜୁଆଙ୍ଗ ଶିଶୁଙ୍କୁ ଏହା ହିଁ ଖାଇବାକୁ ଦିଆଯାଉଛି । ସେମାନଙ୍କ ସ୍ଥିତି ବଦଳି ନାହିଁ । ଗାଁ ଲୋକଙ୍କ ପାଇଁ ଏନଆରଜିଏ ଅଧିନରେ ୮୮ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲେ ମଧ ୪ ଲକ୍ଷ ଟଙ୍କା ହିଁ ଖର୍ଚ୍ଚ ହୋଇପାରିଛି । ପାନୀୟ ଜଳ ଯୋଗାଣ ପାଇଁ ହୋଇଥିବା ପ୍ରକଳ୍ପ ଅଚଳ ହୋଇପଡିଛି । ତେଣୁ ଗାଁ ଲୋକମାନେ ବିଶୁଦ୍ଧ ଜଳରୁ ବଞ୍ଚିତ ହେଉଛନ୍ତି । ସୂଚନା ଅଧିକାର ତଥ୍ୟ ଅନୁସାରେ ନଗଡା ପାଇଁ ବିଭିନ୍ନ ପ୍ରକଳ୍ପରେ ୨୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଛି । କିନ୍ତୁ ସେମାନଙ୍କୁ ମୁଖ୍ୟ ଧାରାରେ ସାମିଲ କରାଯାଇପାରିନାହିଁ । ଅଖଣ୍ଡଙ୍କ ଏହି ଅଭିଯୋଗକୁ ଅତି ଗୁରୁତର ଭାବେ ଗ୍ରହଣ କରିଛନ୍ତି ଜାତୀୟ ମାନବିକ ଅଧିକାର କମିଶନ । ଏହା ଉପରେ ଚାରି ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟ ମଧ୍ୟରେ ରିପୋର୍ଟ ନ ଦେଲେ ମାନବିକ ଅଧିକାର ସୁରକ୍ଷା ଆଇନ, ୧୯୯୩ ଧାରା ୧୩ ଅନୁଯାୟୀ ବ୍ୟକ୍ତିଗତ ହାଜାର ଦେବାକୁ ପଡିବ ବୋଲି କମିଶନ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି ।

## କର୍ତ୍ତଙ୍ଗ ଗ୍ରାମକୁ ଲୋକ କଳା ଗ୍ରାମ ଭାବେ ଘୋଷଣା



**ସୋନପୁର:** ସୁବର୍ଣ୍ଣପୁର ବିନିକା ବ୍ଲକ ମହାଦେବ ପାଲି ପଞ୍ଚୟତର କର୍ତଙ୍ଗ ଗାଁକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଲୋକକଳା ଗ୍ରାମ ଭାବେ ଘୋଷଣା କରଯାଇଛି । ରଜ୍ୟ ସରକାରଙ୍କ ଓଡିଶା ଭାଷା ସାହିତ୍ୟ ଓ ସଂକୃତି ବିଭାଗ ତରଫରୁ ଆଜି ଜିଲ୍ଲା ପ୍ରସାସନ ଗ୍ରାମରେ ପହଞ୍ଚି ଏକ ସଭା ଆୟୋଜନ କରିଥିଲେ । ଏହି ସଭାରେ ଜିଲ୍ଲାପାଳ ମନିଷା ବାନାର୍ଜୀ ମୁଖ୍ୟ ଅଥିଥି ଭାବେ ଯୋଗ ଦେଇ କର୍ତଙ୍ଗ ଗ୍ରାମକୁ ଲୋକକଳା ଗ୍ରାମଭାବେ ଘୋଷଣା କରିବା ସହ ଫିତା କାଟି ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ କଳାକାର ଶାଶ୍ୱତ ତ୍ରିପାଠିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ପଣ୍ଡା, ତହସିଲଦାର ଅଲେଖ ପୁଟା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଷା କୁମାରି, ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ,ବିଡିଓ ବିଶ୍ୱରଜଂନ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ରୋହିଣି ଡାଙ୍ଗ, ସଭ୍ୟ ଶୁଶାନ୍ତ ପଣ୍ଡା,ମହାଦେବ ପାଲି ସରପଞ୍ଚ ଦଶମୁ ମାଝି, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧିବାସି ସହିତ କର୍ତଙ୍ଗ ଗ୍ରାମବାସି ଓ ବିଭିନ୍ନ ସ୍ୱଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ଥିଲେ ।

## ଖୋରଧାରେ ଗାନ୍ଧୀ ଜୟନ୍ତୀ ପାଳିତ



**ଖୋରଧା:** ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୁଲ୍ୟରେ ୧୫୦ତମ ଗାନ୍ଧୀ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ପ୍ରତ୍ୟୁଷ ଘ.୪.୩୦ମି. ସମୟରେ ଖୋରଧା ପୌରାଞ୍ଚଳରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୁନ ପରିବେଷଣ କରାଯାଇଥିଲା । ସକାଳ ୮ଘଣ୍ଟା ସମୟରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସହର ସାରା ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା । ଘ.୮.୩୦ମିନିଟ୍ ସମୟରେ ମହତ୍ମା ଗାନ୍ଧୀ ମାର୍ଗର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖୋରଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଖୋରଧା ଜିଲ୍ଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନୀତ ଅତିଥି ଭାବରେ ଖୋରଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଜିଲ୍ଲାପରିଷଦର ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳାଇ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସ୍ତମ୍ଭକାର ଓ ସାହିତ୍ୟିକ ଉମାଶଙ୍କର ପ୍ରସାଦ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଗାନ୍ଧୀଜିଙ୍କର ଅବଦାନ ଓ ବଳିଦାନ ଯୋଗୁଁ ଆମ ଦେଶ ସ୍ୱାଧୀନ ହେବା ସହ ଆମେ ସ୍ୱାଧୀନ ଭାରତର ନାଗରିକ ଭାବେ ନିଜକୁ ଗର୍ବ ଅନୁଭବ କରୁଛୁ । ତାଙ୍କ ଆଦର୍ଶ ଅହିଂସା ପରମ ଧର୍ମରେ ସମସ୍ତେ ଅନୁପ୍ରାଣିତ ହେଲେ ଭାରତ ବର୍ଷ ବିଶ୍ୱରେ ଏକ ନମ୍ବର ଦେଶ ଭାବରେ ପରିଗଣିତ ହୋଇପାରିବ ବୋଲି ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ବୋଲି କହିଥିଲେ । ମୁଖ୍ୟ ବକ୍ତା ଉମାଶଙ୍କର ପ୍ରସାଦ କହିଥିଲେ ଯେ, ଗାନ୍ଧୀ କିପରି ଜଣେ ସାଧାରଣ ବ୍ୟକ୍ତିରୁ ମହାତ୍ମା ହେଲେ ଜଣେ ସ୍ୱଳ୍ପ ବସ୍ତ୍ର ପରିହିତ ମଣିଷରୁ ଜନ ପ୍ରିୟ ଜାତିର ଜନକ ହୋଇପାରିଲେ ସେ ସମ୍ପର୍କରେ ନିଜର ବକ୍ତବ୍ୟରେ କହିଥିଲେ । ଆଜିର ଯୁବ ପିଢି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଗାନ୍ଧୀଜିଙ୍କ ଯୋଗୁଁ ଭାରତ ସ୍ୱାଧୀନତା ପାଇପାରିଥିଲା । ତାଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଆମ ଦେଶ ବିଶ୍ୱରେ ଏକ ପ୍ରଗତି ଶୀଳ ରାଷ୍ଟ୍ର ଭାବରେ ପରିଗଣିତ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଏହି ସାଧାରଣ ସଭାରେ ବିଭିନ୍ନ ବିଦ୍ୟାଳୟ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବି ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଶେଷରେ ଖୋରଧାର ଅତିରିକ୍ତ ଜିଲ୍ଲାପାଳ ମନୋରଂଜନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରହସନ ପାଲଟିଛି ପଲିଥିନ ମୁକ୍ତ ଅଭିଯାନ



**ସୋନପୁର:** ସୋନପୁର ସହରରେ ଯେଉଁଠି ଦେଖିଲେ ଅଳିଆ । ଏ ଅଳିଆ ଆସୁଛି କେଉଁଠି ? ଏଭଳି କିଛି ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ ଆମେ ପହଞ୍ଚିଥିଲୁ ସଦର ସୋନପୁର ପୌରାଞ୍ଚଳର ବିଭିନ୍ନ ୱାର୍ଡରେ । ଏ ନେଇ ଲୋକଙ୍କୁ ପଚାରିଥିଲୁ । ଦୈନନ୍ଦିନ ଆବର୍ଜନା ପରିଚାଳନା ମୁଖ୍ୟ ସମସ୍ୟା ହୋଇଥିବା ଜଣାପଡ଼ିଛି । ପୌରପାଳିକା ପକ୍ଷରୁ ଠିକ୍ ଭାବେ ସଫେଇ ହେଉନଥିବାରୁ ଅଳିଆ ଗଦା ହୋଇ ରହୁଛି । ଆବର୍ଜନାରେ ସହରର ଅନେକ ଜଳାଶୟ ପୋତି ହେବାକୁ ବସିଲାଣି । କିଛି ଯାଗା ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ସଦର ମେଡିକାଲରେ ବ୍ୟବହୃତ ହୋଇ ସାରିଲା ପରେ ଯେଉଁ ସବୁ ସାମଗ୍ରୀ ଅନାବଶ୍ୟକ ଥାଏ ତାକୁ ନଷ୍ଟ କରିବା ପରିବର୍ତ୍ତେ ଆଣି ଫୋପାଡି ଦିଆଯାଏ । ତେଲ ନଦି କୂଳ ନୂତନ ରିଙ୍ଗ ପାଶ୍ୱ ପଟକୁ ଯାଇଥିବା ସୁନ୍ଦର ରାସ୍ତାକୁ ଅଳିଆ ଖାଉଥିବା ପରି ମନେ ହେଉଛି । ଏହି ପରିପ୍ରେକ୍ଷୀରେ ସୋନପୁର ସହରରେ ପଲିଥିନ ମୁକ୍ତ ଅଭିଯାନ ପ୍ରହସନ ପାଲଟିଥିବା ଆଲୋଚନା ହେଉଛି । ସୂଚନାଯୋଗ୍ୟ ଯେ, ପଲିଥିନ ମୁକ୍ତ ସହର ପାଇଁ ସଦର ପୌରପାଳିକାର ନିର୍ବାହୀ ଅଧିକାରୀ ଓ କିଛି ଅଫିସର ଙ୍କୁ ମିଶାଇ ସ୍କ୍ୱାର୍ଡ ଗଠନ କରାଯାଇଥିଲା । ଏହି ସ୍କ୍ୱାର୍ଡ ବେଆଇନ ଭାବେ ପ୍ଲାଷ୍ଟିକ ଖଲି ଦନା ,ପଲିଥିନ ବ୍ୟାଗ ବ୍ୟବହାରକାରୀ ଓ ବିକ୍ରୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗଠନ କରାଯାଇଥିଲା । କିନ୍ତୁ ଏହି ସ୍କ୍ୱାର୍ଡ ମଧ୍ୟ କୁଆଡେ କାହା ଚାପରେ ହଜିଗଲା କେଉଁଠି ବୋଲି ଆଲୋଚନା ହେଉଛି । ଏହି କାର୍ଯ୍ୟରେ ଦୋଶ କାହାର ଓ ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ପଲିଥିନ ମୁକ୍ତ ଅଭିଯାନ ଆଗାମୀ ଦିନରେ କେତେ ସଫଳ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ତନ୍ତ୍ରପୀଠ କାମରୂପ କାମାକ୍ଷା



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ





**ଭା**ରତର ଏକ ଧର୍ମ ପ୍ରଧାନ ଦେଶ। ଏହି ପୁଣ୍ୟ ଭୂମି ଭାରତ ବର୍ଷରେ ଅନେକ ତୀର୍ଥସ୍ଥାନ ଓ ବହୁ ସଂଖ୍ୟକ ମନ୍ଦିର ବିଦ୍ୟମାନ। ପ୍ରତ୍ୟେକ ତୀର୍ଥସ୍ଥଳ ତାହାର ପୌରାଣିକ ଦୃଷ୍ଟିକୋଣରୁ ପ୍ରସିଦ୍ଧିଲାଭ କରିଛି। ଭାରତର ସମସ୍ତ ତୀର୍ଥସ୍ଥଳ ଏପରି ପବିତ୍ର ତଥା ମନୋମୁଗ୍ଧକର ସ୍ଥାନରେ ଅବସ୍ଥିତ ଯେ, ଯାହାର ମାଟି ସ୍ପର୍ଶ କଲାମାତ୍ରେ ମନରେ ଶାନ୍ତି ତଥା ଆନନ୍ଦ ଜାଗ୍ରତ ହୁଏ। ତୀର୍ଥ ସ୍ଥାନ ଭ୍ରମଣ ତଥା ଦେବାଦେବୀଙ୍କ ଦର୍ଶନ ଭାଗ୍ୟରେ ଥିଲେ ତଥା ପୁଣ୍ୟ ବଳରେ ମିଳେ ବୋଲି କଥିତ ଅଛି। ଚାକିରୀରୁ ଅବସର ଗ୍ରହଣ ପରେ ଓ ପିଲାମାନଙ୍କ ଦାୟିତ୍ୱ ନିଭାଇ ସାରିବା ପରେ ସମୟ ଓ ସୁଯୋଗ ଦେଖି ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବା ପାଇଁ ଆମେ ମନସ୍ଥ କରିଛୁ। ଏଥିପାଇଁ ମୋ ସ୍ୱାମୀ ଚୌଦ୍ୱାର ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କୁଞ୍ଜବିହାରୀ ଜେନାଙ୍କ ସହମତି ଓ ସମ୍ପୃକ୍ତି ଥିବାରୁ ଯାତ୍ରା କରିବା ସହଜ ତଥା ସଫଳ ହୁଏ। ଏଥର ଜାନୁୟାରୀ ମାସ ୭ ତାରିଖ ଦିନ ଆମେ ଆଉ କେତେଜଣ ସହଯାତ୍ରୀଙ୍କ ସହ କାମାକ୍ଷା ମାତାଙ୍କ ଦର୍ଶନ ପାଇଁ ଆସାମ ରାଜ୍ୟର ରାଜଧାନୀ ଗୁଆହାଟୀ ଯାତ୍ରା କରିଥିଲୁ। ଆଗରୁ ଇଲେକ୍ଟ୍ରୋନିକ ମିଡ଼ିଆରେ ସବୁ ପ୍ରକାର ବନ୍ଦୋବସ୍ତ ହୋଇ ସାରିଥିଲା। ୯





ତାରିଖ ସକାଳ ୪ଟା ୩୦ ମିନିଟରେ ଗୁଆହାଟୀ ଷ୍ଟେସନରେ ଓହ୍ଲାଇ ପୂର୍ବ ନିର୍ଦ୍ଧାରିତ ହୋଟେଲକୁ ଗଲୁ। ସ୍ନାନାଦି ନିତ୍ୟକ୍ରମ ସମାପନ କରି କାମାକ୍ଷା ମାତାଙ୍କ ଦର୍ଶନ ପାଇଁ ମନ୍ଦିର ଅଭିମୁଖେ ବାହାରିଲୁ। ସହରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ଦୁଇ ପାର୍ଶ୍ୱରେ ଓ ପାହାଡ଼ ଉପର ପର୍ଯ୍ୟନ୍ତ ଗୁଆ ଗଛ ଧାଡ଼ି ଧାଡ଼ି ହୋଇ ଶୋଭା ପାଉଛି। ତା ସହିତ ମୁଖ୍ୟତଃ ବାଉଁଶ ବୁଦାମାନ ଦେଖିବାକୁ ମିଳେ। ସହରଟି ଓ ସବୁଜିମାରେ ଭରପୂର

ବେଶ ପରିଷ୍କାର, ପବିତ୍ର ବ୍ରହ୍ମପୁତ୍ର ନଦୀ କୂଳରେ ଅବସ୍ଥିତ। ଏହି ବହୁ ପୁରାତନ ସହରଟିର ଗୁଆହାଟି ନାମକରଣ ପଛରେ ପୂର୍ବରୁ ଏଠାରେ ଗୁଆହାଟ ବସୁଥିବା ଓ ଭାରତର ବିଭିନ୍ନ ସ୍ଥାନକୁ ଏଠାରୁ ଗୁଆ ରପ୍ତାନୀ ହେଉଥିବା ପ୍ରତୀୟମାନ ହୁଏ।

କାମରୂପ କାମାକ୍ଷା ପ୍ରସିଦ୍ଧ ଶକ୍ତିପୀଠମାନଙ୍କ ମଧ୍ୟରେ ଅନ୍ୟତମ। ଏହା ଆସାମ ପ୍ରଦେଶର ରାଜଧାନୀ ଗୁଆହାଟୀ ସହର

ନିକଟରେ ଅବସ୍ଥିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ନୀଳାଚଳ ପର୍ବତ, ଯେଉଁଠି କାମାକ୍ଷା ମାତାଙ୍କ ମନ୍ଦିର ଅବସ୍ଥିତ। ନିକଟରେ ପର୍ବତ ଶିଖରରେ ଭୁବନେଶ୍ୱରୀ ଦେବୀଙ୍କ ମନ୍ଦିର ଏବଂ ନିମ୍ନରେ ଉତ୍ତର ଦିଗରେ ପବିତ୍ର ବ୍ରହ୍ମପୁତ୍ର ନଦୀ ପ୍ରବାହିତ। ଗିରିସ୍ରୋତ ନଦୀ

ସୌନ୍ଦର୍ଯ୍ୟମୟ ପରିବେଶ ଭକ୍ତମାନଙ୍କ ମନରେ ଆନନ୍ଦ ତଥା ଦେବୀ ମାଙ୍କ ପ୍ରତି ଭକ୍ତି ଜାଗ୍ରତ କରାଏ। କାମାକ୍ଷା ଦେବୀ ମନ୍ଦିରର ପୁରାଣ ବର୍ଣ୍ଣିତ ମାତୃପୂଜା ତଥା ତନ୍ତ୍ର ସାଧନା ମାତାଙ୍କ ପ୍ରତି ଭକ୍ତି ତଥା ଆକର୍ଷଣ ବଢ଼ାଏ ଏବଂ ଭକ୍ତ ମାନଙ୍କର ସୁପ୍ତ ଅତି ଭୌତିକ ଚେତନାକୁ ଜାଗ୍ରତ କରାଏ। ପ୍ରତିବର୍ଷ ଭାରତର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକମାନେ କାମାକ୍ଷା ମାତାଙ୍କ ଦର୍ଶନ ପାଇଁ କାମରୂପ ଆସନ୍ତି। କାମରୂପ ପୂର୍ବରୁ ଧର୍ମାରଣ୍ୟ ବା ଧର୍ମରାଜ୍ୟ ନାମରେ ନାମିତ ଥିଲା। ଏହା ଭାରତର ଉତ୍ତର-ପୂର୍ବ ଅଞ୍ଚଳ ବା ଐଶାନ କୋଣରେ ଆସାମ ରାଜ୍ୟର ଗୁଆହାଟୀ ସହର ନିକଟରେ ଅବସ୍ଥିତ। ପୁରାଣରେ ବର୍ଣ୍ଣିତ ଯେ, ଦକ୍ଷ ଯଜ୍ଞକୁ ମହାଦେବ ଶିବଙ୍କୁ ନିମନ୍ତ୍ରିତ କରାଯାଇ ନଥିବାରୁ ଦକ୍ଷ କନ୍ୟା ସତୀ ପତିଙ୍କ ଅପମାନ ସହ୍ୟ କରିନପାରି ଯଜ୍ଞ କୁଣ୍ଡରେ ଝାସ ଦେଇଥିଲେ। ସତୀଙ୍କ ବିଚ୍ଛେଦରେ ଶିବଙ୍କ କ୍ରୋଧାଗ୍ନିରେ ପୃଥିବୀ ଧ୍ୱଂସ ହେବାକୁ ବସିଲା। ଶିବ କ୍ରୋଧାନ୍ୱିତ ହୋଇ ସତୀଙ୍କ ମରଶରୀର କାନ୍ଧରେ ବହନ କରି ସମଗ୍ର ଭାରତ ପ୍ରଦକ୍ଷିଣ କରିବା ସମୟରେ ଭଗବାନ ବିଷ୍ଣୁ ଶିବଙ୍କ କ୍ରୋଧ ପ୍ରଶମିତ କରିବା ପାଇଁ ସତୀଙ୍କ ଶରୀରକୁ ସୁଦର୍ଶନ ଚକ୍ରରେ ଖଣ୍ଡ ବିଖଣ୍ଡିତ କରି ଦେଇଥିଲେ। ଫଳରେ ସତୀଙ୍କର ଶରୀର ଏକାବନ ଖଣ୍ଡରେ ବିଖଣ୍ଡିତ ହୋଇ

ଭାରତର ବିଭିନ୍ନ ସ୍ଥାନରେ ପତିତ ହୋଇଥିଲା ଏବଂ ପ୍ରତ୍ୟେକ ସ୍ଥଳ ଏକ ପବିତ୍ର ଶକ୍ତିପୀଠ ଭାବରେ

ପ୍ରସିଦ୍ଧ ଲାଭ କଲା। ଏହି ପବିତ୍ର ଏକାବନ ଶକ୍ତିପୀଠ ମାନଙ୍କ ମଧ୍ୟରୁ ନୀଳ ପର୍ବତ ଉପରେ ଅବସ୍ଥିତ କାମରୂପ ଅତ୍ୟନ୍ତ ପବିତ୍ର କ୍ଷେତ୍ର। ଏହି ସ୍ଥାନ ଦେବୀ ସତୀଙ୍କର ଯୋନିମୁଦ୍ରା ବହନ କରେ। ଏଠାରେ ଅବସ୍ଥିତ ମନ୍ଦିର ପୁରାଣ କାଳରେ କାମଦେବଙ୍କ ଦ୍ୱାରା ନିର୍ମିତ ହୋଇଥିବାରୁ ଏହା କାମରୂପ ବା କାମାକ୍ଷା ନାମରେ ପ୍ରସିଦ୍ଧ।

ମାତାଙ୍କର ପୁରୁଣା ମନ୍ଦିର ବହୁବାର ମୁସଲମାନ ଆକ୍ରମଣକାରୀଙ୍କ ଦ୍ୱାରା ଲୁଣ୍ଠିତ ତଥା ଧ୍ୱଂସ ପ୍ରାପ୍ତ ହୋଇ ବିଭିନ୍ନ ସମୟରେ ନବୀକରଣ ହୋଇଥିଲା। ବର୍ତ୍ତମାନର କାମାକ୍ଷା ମାତାଙ୍କ ମନ୍ଦିର ୧୫୬୫ ମସିହାରେ କୋଚ ବଂଶର ରାଜା ଚିଲାରାଇଙ୍କ ଦ୍ୱାରା ନିର୍ମିତ। ଏହି ମନ୍ଦିରର ଶିଖର ପ୍ରଦେଶ ମହୁ ଫେଣା ପରି ଅର୍ଦ୍ଧଗୋଲାକାର ଆକୃତିର। ମନ୍ଦିରର ଭିତର ତଥା ବାହାର କାରୁକାର୍ଯ୍ୟ ଅତୀବ ମନୋରମ। ଏଥିରେ ଶିବ, ଗଣେଶ, ବିଷ୍ଣୁ, ଶୀତଳା ତଥା ବହୁ ଦେବଦେବୀଙ୍କ ମୂର୍ତ୍ତି ଅତ୍ୟନ୍ତ ନିଖୁଣ ଭାବରେ ଖୋଦିତ ହୋଇଛି। ମନ୍ଦିର ପ୍ରାଙ୍ଗଣ ୪ ଭାଗରେ ବିଭକ୍ତ ଯଥା ଗର୍ଭଗୃହ, କଲାନ୍ତ, ପଞ୍ଚରତ୍ନ ଓ ନାଟ ମନ୍ଦିର। ଗର୍ଭଗୃହ ଏକ ଛୋଟିଆ ଅନ୍ଧାରୁଆ ଗୁମ୍ଫା ପରି, ଯେଉଁଠିକୁ କିଛି ପଥର ପାହାଚ ଦେଇ ସାମାନ୍ୟ ତଳକୁ ଓହ୍ଲାଇବାକୁ ପଡ଼େ। ଏଠାରେ ଯୋନି ଆକୃତିର ଏକ ପଥରକୁ ଶକ୍ତିରୂପରେ ପୂଜା କରାଯାଏ। ଏହି ସାମାନ୍ୟ ଖାଲୁଆ ପଥରଟି ସର୍ବଦା ନିମ୍ନ ଭାଗରେ ଥିବା ଏକ ଝରଣା ପାଣି ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ। ଭକ୍ତମାନେ ଏହି ଜଳକୁ ମାତାଙ୍କର ଚରଣୋଦକ ହିସାବରେ

ପ୍ରାପ୍ତ କରନ୍ତି। ଅନ୍ୟ ତିନି ବିଭାଗ ମଧ୍ୟରୁ କାଲାନ୍ତ ଗର୍ଭଗୃହ ସହ ସଂଲଗ୍ନ। ଏହା ମଧ୍ୟରେ ଦେବୀଙ୍କର ଚଳନ୍ତି ପ୍ରତିମା ପୂଜା



କରାଯାଇଥାଏ। ଏହାର କାନ୍ଥରେ ନାରାୟଣ ଓ ଅନ୍ୟ ଦେବ ଦେବୀଙ୍କର ମୂର୍ତ୍ତିମାନ ଖନନ କରାଯାଇଛି। ଏହା ମଧ୍ୟ ଦେଇ ଗର୍ଭଗୃହରେ ପ୍ରବେଶ କରନ୍ତି। ପଞ୍ଚରତ୍ନ

ମଧ୍ୟମ ବିଭାଗ। ଏହା ମୁଖ୍ୟ ମନ୍ଦିର ଠାରୁ ଛୋଟ ସମାନ ଅର୍ଦ୍ଧଗୋଲାକାର ଆକୃତିର ପାଞ୍ଚଟି ଶିଖର ବହନ କରେ। ବହୁ ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ଏଠାରେ ଏହି ବଳିପ୍ରଥା ପ୍ରଚଳିତ

ହୋଇ ଆସୁଅଛି। ଭକ୍ତମାନେ ମନସ୍କାମନା ପୂର୍ଣ୍ଣ ପାଇଁ ମାତାଙ୍କୁ ବଳି ଯାଚନା କରନ୍ତି। ପ୍ରତିଦିନ ଅନେକ ଭକ୍ତ ବଳିସାମଗ୍ରୀ ଧରି ମନ୍ଦିରରେ ଉପସ୍ଥିତ ହୁଅନ୍ତି। ଏଠାରେ ଅନୁଷ୍ଠିତ ହେଉଥିବା ପ୍ରଧାନ ପର୍ବ-ପର୍ବାଣୀ ମଧ୍ୟରେ ଅମ୍ବୁଚି ମେଳା, ଦେବଧୋନୀ, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା, ନବାନ୍ନ, ପୁଷ୍ୟାଭିଷେକ, ବାସନ୍ତୀ ପୂଜା ଓ ଶିବରାତ୍ରୀ ଅନ୍ୟତମ। ଅନ୍ୟାନ୍ୟ ପର୍ବପର୍ବାଣୀ ଅନ୍ୟାନ୍ୟ ସ୍ଥାନ ମାନଙ୍କ ଭଳି ଯଥାରୀତି ପାଳିତ ହେଉଥିବା

ବେଳେ ଅମ୍ବୁଚି ମେଳା ଏଠାକାର ସ୍ୱାତନ୍ତ୍ର୍ୟ ବହନ କରେ। ଅମ୍ବୁଚି ମେଳାକୁ ବହୁ ତନ୍ତ୍ରସାଧକ ଆସନ୍ତି। ଏହା ଜୁନ୍ ମାସର ମଧ୍ୟଭାଗରେ ଅନୁଷ୍ଠିତ ହୁଏ। ଏହି ସମୟରେ ମାତା ରଜସ୍ୱଳା ହୁଅନ୍ତି। ସେଥିପାଇଁ ମନ୍ଦିର ତିନିଦିନ ଧରି ବନ୍ଦ ରଖାଯାଏ। କୌଣସି ଯାତ୍ରୀକୁ ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ଦିଆଯାଏ ନାହିଁ। ଚତୁର୍ଥ

ଦିନ ଦେବୀ ମାତାଙ୍କୁ ସ୍ନାନ ଓ ପୂଜା କରାଯିବା ପରେ ଭକ୍ତମାନେ ଦର୍ଶନ କରିବାକୁ ଯାଆନ୍ତି। ଏହି ଦିନ ମନ୍ଦିର ପ୍ରବଳ ଭିଡ଼ ହୁଏ। ସାରା ଭାରତରୁ ବହୁ ସଂଖ୍ୟାରେ ଭକ୍ତ ଏହି ଦିନ ଉପସ୍ଥିତ ରହି ମାତାଙ୍କର ଆଶୀର୍ବାଦ



ଲାଭ କରନ୍ତି। କଥାରେ ଅଛି 'ଭବ ସଂସାର ଭିତରେ ଭବ ଭବାନୀ ବିହରେ'। ଅର୍ଥାତ୍ ସମସ୍ତ ଜୀବ ଭିତରେ ଶିବଶକ୍ତି ବିରାଜମାନ। ମଣିଷ ଏହା ଉପଲବ୍ଧି କରିବା ଉଚିତ। ପ୍ରତ୍ୟେକ ଜୀବ ଭିତରେ ଥିବା ସୁପ୍ତଶକ୍ତିକୁ ଜାଗ୍ରତ କରିବା ପାଇଁ ମଣିଷର ନିରନ୍ତର ସାଧନା ଆବଶ୍ୟକ। ଏଥିପାଇଁ ସହଜ ଓ ଆନନ୍ଦ ଦାୟକ ମାଧ୍ୟମ ହେଲା ତୀର୍ଥସ୍ଥାନ ଭ୍ରମଣ। ପବିତ୍ର ସ୍ଥାନ ତଥା ସାଧୁସନ୍ଥଙ୍କ ସଂସ୍ପର୍ଶରେ ଆସିଲେ ମଣିଷର ତନୁମନ ପବିତ୍ର ହୁଏ ଓ ଆଚରଣରେ ଅନେକ ପରିବର୍ତ୍ତନ ଘଟେ। ମାତା କାମାକ୍ଷା ଦେବୀଙ୍କ ଆଶୀର୍ବାଦ ସମସ୍ତ ପାଠକ ମାନଙ୍କୁ ପ୍ରାପ୍ତ ହେଉ।

*ପ୍ଲଟ ନଂ-୧୦୮୨/ଡି, ମର୍କତନଗର,*
*ସିଡ଼ିଏ, ସେକ୍ଟର-୬, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*

